



'ଭରତପୁର' ବିବାଦ; ସରିଲା ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି

# ୨୨ରେ ହାଜର ହେବେ ପୀଡ଼ିତା ଓ ସେନାଧିକାରୀ

ଭୁବନେଶ୍ୱର,୧୮।୧୨(ସମିସ): ଭରତପୁର ଥାନା ବିବାଦ ଘଟଣା ୩ ମାସ ପୂରି ସାରିଥିବାବେଳେ ତଦନ୍ତ କମିସନଙ୍କ ପକ୍ଷରୁ ଜାରି ରହିଥିବା ତଦନ୍ତକୁ ଜୋର୍‌ଦାର କରାଯାଇଛି। ଏହି ମାମଲାର ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି ଶେଷ ହୋଇଛି। ସେଦିନ

## କ୍ରାଇମ୍‌ବ୍ରାଞ୍ଚ ଦାଖଲକଲା କାଗଜପତ୍ର ଓ ଭିଡିଓ ଫୁଟେଜ୍

ରାତିରେ କ'ଣ ଘଟିଥିଲା, ତଦନ୍ତ କମିସନ ଅଧ୍ୟକ୍ଷ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି। ବୁଧବାର ଦୁଇ ପକ୍ଷର ଓକିଲମାନେ ଦସ୍ତାବିଜ୍ ସହ ବିଭିନ୍ନ ପ୍ରମାଣପତ୍ର ଦାଖଲ କରିଛନ୍ତି। ଆସନ୍ତା ୨୨ରୁ ସାକ୍ଷ୍ୟ ଜେରା ପ୍ରକ୍ରିୟା ଆରମ୍ଭ ହେବ। ତଦନ୍ତ କମିସନଙ୍କ ନିକଟରେ ପ୍ରଥମେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀ ହାଜର ହେବେ। ତଦନ୍ତ କମିସନଙ୍କ ଉପସ୍ଥିତିରେ ପୁଲିସ ଓକିଲଙ୍କ ପକ୍ଷରୁ ସାକ୍ଷ୍ୟଗ୍ରହଣ ସମୟରେ ଜେରା କରାଯିବ। ଆବଶ୍ୟକ ପଡ଼ିଲେ ଘଟଣା ଦିନର ଭିଡିଓ ଫୁଟେଜ୍ ଯାଞ୍ଚ କରାଯିବ। ଏଥିସହ ଘଟଣା ଦିନ ରାତିରେ କ'ଣ ଘଟିଥିଲା, ସମସ୍ତ ଭିଡିଓକୁ ତଦନ୍ତ କମିସନଙ୍କ ନିକଟରେ ଦାଖଲ କରିଛି କ୍ରାଇମ୍‌ବ୍ରାଞ୍ଚ।

ତଦନ୍ତ କମିସନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି କହିଛନ୍ତି, ବୁଧବାର କ୍ରାଇମ୍‌ବ୍ରାଞ୍ଚକୁ କାଗଜପତ୍ର ଦାଖଲ କରିବା ପାଇଁ କୁହାଯାଇଥିଲା। ଘଟଣା ସଂକ୍ରାନ୍ତୀୟ ଅଭିଯୋଗ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଏବଂ ଭିଡିଓ ରେକର୍ଡିଂ ଦେବାକୁ କୁହାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସେଗୁଡ଼ିକୁ ଦାଖଲ କରାଯାଇଛି। ଅନୁରୂପ ଭାବେ ସାକ୍ଷୀ ତାଲିକା ଦେବାକୁ ଉଭୟ ପକ୍ଷଙ୍କୁ କୁହାଯାଇଥିଲା। ଆସନ୍ତା ୨୨ରେ କମିସନଙ୍କ ନିକଟରେ ପ୍ରଥମେ ପୀଡ଼ିତା ହାଜର ହେବା ପରେ ସେନାଧିକାରୀ ହାଜର ହେବେ। ଏଭଳି ଭାବେ ୨୪ ତାରିଖ ପର୍ଯ୍ୟନ୍ତ ସାକ୍ଷ୍ୟ ଜେରା ପ୍ରକ୍ରିୟା ଜାରି ରହିବ। ଅନ୍ୟପକ୍ଷରେ ସେନାଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ପକ୍ଷରୁ ପ୍ରତିପକ୍ଷର ଯାହାକୁ ଚାହିଁବେ ଜେରା କରିବାକୁ ସେମାନେ ଲେଖିକି ଦେବା ପରେ କମିସନ ସେମାନଙ୍କୁ ସମନ୍ କରିବେ।

# ସଜା ସରିଲା; ଘର ଠିକଣା କହିପାରୁନି କଏଦୀ

## ଝାଡ଼ଖଣ୍ଡରୁ ଠିକଣା ଖୋଜି ଜେଲ୍ ବିଭାଗ ନିରାଶ

ଭୁବନେଶ୍ୱର,୧୮।୧୨(ସମିସ):

୫ବର୍ଷ ତଳେ ସମ୍ବଲପୁର ପୁଲିସ ଝାଡ଼ଖଣ୍ଡର ଜାବିର ସଓାର୍‌କୁ ଗିରଫ କରି ଜେଲ୍ ପଠାଇଥିଲା। ଇତିମଧ୍ୟରେ କଏଦୀ ଜଣକ ସଜା କାଟିଥିଲେ ହେଁ ନିଜ ଘର ଠିକଣା କହିପାରୁନାହିଁ। କଏଦୀର ମାନସିକ ସ୍ଥିତି ଭଲ ନ ଥିବାରୁ ଜେଲ୍ ବିଭାଗ ତାକୁ ଛାଡ଼ିପାରୁନି। ଏଭଳି ପରିସ୍ଥିତିରେ ଜାବିରକୁ ତା' ଘରେ ସୁରକ୍ଷିତ ଭାବେ କିପରି ଛାଡ଼ିବ ତାକୁ ନେଇ ଚିନ୍ତାରେ ପଡ଼ିଛି ଜେଲ୍ ବିଭାଗ। ଅନୁରୂପ ଭାବେ ଜାବିର ଗିରଫ ହେବା ପରେ ଭୁଲ୍ ଠିକଣା ଦେଇଥିବାରୁ ପୁଲିସ ସହ ଜେଲ୍ ବିଭାଗ ହରଡ଼ଘଣାରେ ପଡ଼ିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୯ରେ କଫସିରପ୍ ମାମଲାରେ ଜାବିରକୁ ଗିରଫ କରାଯାଇ ସମ୍ବଲପୁର ମଣ୍ଡଳ କାରାଗାରରେ ରଖାଯାଇଥିଲା। ଜାବିର ସଓାର୍ ଭଲଭାବରେ କଥାବାର୍ତ୍ତା କରିପାରୁ ନ ଥିଲା। ସେ ମାନସିକସ୍ତରରେ ଦୁର୍ବଳ ଥିବାରୁ କାହା ସାଙ୍ଗରେ କଥାବାର୍ତ୍ତା ହେଉ ନ ଥିଲା। ସେ କ'ଣ କହୁଥିଲା କିଛି ବୁଝି ହେଉ ନ ଥିଲା। କିନ୍ତୁ କାରାଗାରରେ ତା'ର ଆଚରଣ ବ୍ୟବହାର ଉତ୍ତମ ଥିଲା। ସେ ସମସ୍ତଙ୍କ ସାଙ୍ଗରେ ମିଳିମିଶି ରହୁଥିଲା। ସେ କାରାଗାରରେ ରହିବା ସମୟରେ କୌଣସି ବିଶୃଙ୍ଖଳିତ ଆଚରଣ କରିନଥିଲା। ଦୁର୍ଭାଗ୍ୟବଶତଃ ତା' ପରିବାର ଲୋକେ ଅଥବା ପରିଜନ ଜେଲ୍‌ରେ ରହିବା ଦିନଠାରୁ ଜାମିନରେ ଗଲା ପର୍ଯ୍ୟନ୍ତ କେହି ସାକ୍ଷାତ୍ କରିବାକୁ ଆସିନଥିଲେ। ସେଥିପାଇଁ ସେ ସବୁବେଳେ ମାନସିକ ଚାପରେ ରହୁଥିଲା। ଜାମିନ ହେବା ସତ୍ତ୍ୱେ ତାକୁ ଜାମିନରେ କେହି ନେଉନଥିଲେ ଓ ତା' ନିଜ ପରିବାର ଲୋକ କେହି ଓଡ଼ିଶାରେ ନଥିବାରୁ ସେ ଜାମିନରେ ଯାଇପାରୁ ନ ଥିଲା। ପରବର୍ତ୍ତୀ ସମୟରେ ତା'ର ମାନସିକ ସ୍ଥିତି ଠିକ୍ ନ ଥିବାରୁ ଅଦାଲତ ତା'ର ବିଚାର ସ୍ଥଗିତ ରଖୁଥିଲେ। ତା'ର ପରିବାରକୁ



ବାରମ୍ବାର ଜଣାଯାଉଥିଲେ ମଧ ତାହା ସଠିକ୍ ଠିକଣା ନ ଥିବାରୁ ଫେରି ଆସୁଥିଲା। ଏଭଳି ଭାବେ ଜାବିର ଜାମିନ୍ ପାଇବା ପରେ ବି କାରାଗାରରେ ୫ ବର୍ଷ ବିତାଇ ସାରିଥିଲା। ଜାବିର ପରିବାର ସଦସ୍ୟଙ୍କ ଠିକଣା ଖୋଜିବା ଲାଗି ଜେଲ୍ ବିଭାଗର ଦୁଇଜଣ କର୍ମଚାରୀ ଝାଡ଼ଖଣ୍ଡ ପଠାଯାଇଥିଲା। ସେମାନେ ସୋନୁଆ ଥାନା ସହିତ ରାଞ୍ଚିର ଅନ୍ୟ କେତେକ ଥାନାକୁ ଯାଇ ଯୋଗାଯୋଗ କରିଥିଲେ। କିନ୍ତୁ ୱାରେଣ୍ଟରେ ଲେଖା ହୋଇଥିବା ଠିକଣା ଠିକ୍ ନ ଥିବାରୁ ଥାନାଧିକାରୀଙ୍କଠାରୁ ଜାଣିବାକୁ ପାଇଥିଲେ। ଅନ୍ୟପକ୍ଷରେ ଗତ ୧୩ ତାରିଖରେ ଜାବିର୍‌କୁ ମୁକ୍ତ କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରଦିନ ତାକୁ ଜେଲ୍‌ରୁ ମୁକୁଳାଇ ଧନୁପାଲି ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ କଏଦୀକୁ ମାନସିକ ବିକାରଗ୍ରସ୍ତଙ୍କ ଆବାସିକ ଗୃହ ନାମରେ ଥିବା ଏନ୍‌ଜିଓ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ଉକ୍ତ କଏଦୀ ଏବେ ନିଜ ପରିବାର ସନ୍ଧାନରେ ରହିଛି।

### ଜାମୁଝରୀ ଜେଲ୍‌ର ୪୩ କଏଦୀଙ୍କୁ ମିଳିଲା ଲାଇସେନ୍ସ

ଜାମୁଝରୀ ମୁକ୍ତାକାଶ ଜେଲ୍‌ରେ ରହୁଥିବା କଏଦୀଙ୍କୁ ଆହୁରି ଆତ୍ମନିର୍ଭରଶୀଳ କରିବାକୁ ଆଉ ପାଦେ ଆଗେଇଛି ଜେଲ୍ ବିଭାଗ। ମୁକ୍ତାକାଶ ଜେଲ୍‌ରେ ରହୁଥିବା କଏଦୀଙ୍କୁ ମିଳିଛି ଗାଡ଼ି ଚଳାଇବା ଲାଇସେନ୍ସ। ୪୩ ଜଣ କଏଦୀ ଗାଡ଼ି ଚଳାଇ ଉତ୍ତୀର୍ଣ୍ଣ ହେବା ପରେ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ସେମାନେ ଗାଡ଼ି ଚଳାଇବା ଯୋଗ୍ୟତା ହାସଲ କରିବା ପରେ ନିଜେ ରୋଜଗାରକ୍ଷମ ହୋଇପାରିବେ। ଜେଲ୍‌ରୁ ପ୍ରସ୍ତୁତି ପନିପରିବାକୁ ନିକଟ ବଜାରେ ବିକ୍ରି କରିପାରିବେ। ଜାମୁଝରୀ ଜେଲ୍‌ରେ ୪୮ ଜଣ କଏଦୀ ଥିବାବେଳେ ସେଥିମଧ୍ୟରୁ ୪୩ ଜଣଙ୍କୁ ଗାଡ଼ି ଚଳାଇବା ଲାଗି ଲାଇସେନ୍ସ ମିଳିଥିବା ସୂଚନା ମିଳିଛି।

## ୫୦୦ ଲିଟର ଦେଶୀମଦ ଜବତ; ୩ ଗିରଫ

ଭୁବନେଶ୍ୱର,୧୮।୧୨(ସମିସ): ରାଜଧାନୀରୁ ୫୦୦ ଲିଟର ଦେଶୀମଦ ଜବତ କରିଛି କମିସନରେଟ୍ ପୁଲିସ। ମଦ କାରବାରରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାର୍ଗିଲ ବସ୍ତିର ଯୋଗୀ ଦୋରା (୪୬), କାଲୁ ଓରଫ ପପୁ ଦାସ (୩୬) ଓ ସାଲିଆସାହିର ପରମା ରାଓ।

ପୁଲିସ ସୂଚନା ଅନୁସାରେ, ମଙ୍ଗଳବାର ଏୟାରପୋର୍ଟ ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଦେଶୀମଦ ଚାଲାଣ ହେଉଥିବା ଖବର ପାଇଥିଲା। ଲିଙ୍ଗରାଜ ରେଲ୍‌ୱେ ଷ୍ଟେସନରୁ କାର୍ଗିଲ ବସ୍ତି ଅଭିମୁଖେ ଯାଇଥିବା ରାସ୍ତାରେ ଚଢ଼ଉ କରି ଯୋଗୀ ଓ କାଲୁକୁ ଗିରଫ କରିଥିଲା। ସେମାନଙ୍କଠାରୁ ୨୦୦ ଲିଟର ଦେଶୀମଦ ଜବତ କରିଥିଲା। ସେହିପରି ମୈତ୍ରୀ ବିହାର ଥାନାର ଏକ ସ୍ୱତନ୍ତ୍ର ଟିମ୍ ସାଲିଆସାହିର ଶ୍ରୀରାମ ନଗରରେ ଚଢ଼ଉ କରି ଦେଶୀମଦ ବିକ୍ରି କରୁଥିବା ପରମାକୁ ଗିରଫ କରିବା ସହିତ ତା' ହେପାଜତରୁ ୩୦୦ ଲିଟର ମଦ ଜବତ କରିଥିଲା। ଏୟାରପୋର୍ଟ ଓ ମୈତ୍ରୀ ବିହାର ଥାନା ପୁଲିସ ଦୁଇଟି ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଯୋଗୀ ନାଁରେ ଏୟାରପୋର୍ଟ ଥାନାରେ ୩ଟି, କାଲୁ ନାଁରେ ଗୋଟିଏ ମଦ ବିକ୍ରି ଜନିତ ମାମଲା ରହିଥିବାବେଳେ ପରମା ନାମରେ ନୂଆପଲ୍ଲୀ ଓ ମୈତ୍ରୀ ବିହାର ଥାନାରେ ମୋଟ ୧୩ଟି ଅପରାଧିକ ମାମଲା ରହିଥିବା ତଦନ୍ତବେଳେ ଜଣାପଡ଼ିଥିଲା।

# ଠକେଇ କରି ଟଙ୍କା ହଡ଼ପ; ବନ୍ଧାହେଲା ସେଲ୍ସମ୍ୟାନ୍

ଭୁବନେଶ୍ୱର,୧୮।୧୨(ସମିସ): ଠକେଇ କରି ବାଇକ୍ ସୋ'ରୁମ୍ ଟଙ୍କା ହଡ଼ପ କରିଥିବା ସେଲ୍ସ ମ୍ୟାନ୍‌ଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବ୍ରହ୍ମଗିରି କୋଠସାହିର ବିଶ୍ୱଜିତ୍ ଦଳାଇ (୨୨)।

ପୁଲିସ ସୂଚନା ଅନୁସାରେ, ଗତ ନଭେମ୍ବର ୨୦ ତାରିଖରେ ବନମାଳୀ ବିଶ୍ୱାଳ ଗାଡ଼ି କିଣିବା ପାଇଁ ପଟିଆ ସ୍ଥିତ ହୋଣ୍ଡା ସୋ'ରୁମ୍‌କୁ ଯାଇଥିଲେ। ସେଲ୍ସ ମ୍ୟାନ୍ ବିଶ୍ୱଜିତ୍‌ଠାରୁ ସବୁ ବୁଝିସାରି ସ୍କୁଟି ବୁକିଂ ପାଇଁ ତାଙ୍କ ଫୋନ୍-ପେ' ଅକାଉଣ୍ଟକୁ ୫ ହଜାର ଟଙ୍କା ପଠାଇ ଏକ ରସିଦ୍ ନେଇଥିଲେ। ୨୭ ତାରିଖ ଦିନ ବନମାଳୀ ଫୋନ୍ କରିବାରୁ ନଗଦ ୪୦ ହଜାର ସମେତ ୬୦ ହଜାର ଟଙ୍କା ଦେଲେ ଖୁବ୍‌ଶୀଘ୍ର ଗାଡ଼ି ଡେଲିଭରି ହୋଇପାରିବ ବୋଲି ବିଶ୍ୱଜିତ୍ କହିଥିଲେ। ଏହାପରେ ବନମାଳୀ ସୋ'ରୁମ୍‌କୁ ଯାଇ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ବିଶ୍ୱଜିତଙ୍କୁ ନଗଦ ୫୦ ହଜାର ଟଙ୍କା ଓ ବ୍ୟକ୍ତିଗତ ଅକାଉଣ୍ଟକୁ ୨୫ ହଜାର ଟଙ୍କା ପଠାଇଥିଲେ। ରସିଦ୍ ମାଗିବାରୁ ନେଟ୍ ସ୍ଲୋ ଥିବା କହି ଫେରାଇ ଦେଇଥିଲେ। ଏହାପରେ ବନମାଳୀ ବାରମ୍ବାର ରସିଦ୍ ମାଗିବା



ପରେ ମଧ୍ୟ ବିଶ୍ୱଜିତ୍ ତାଙ୍କୁ ରସିଦ ଦେଇ ନ ଥିଲେ କି ଗାଡ଼ି ଡେଲିଭରି ମଧ୍ୟ ଦେଇ ନ ଥିଲେ। ବନମାଳୀ ଗତ ୪ ତାରିଖରେ ବିଶ୍ୱଜିତଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ତାଙ୍କ ଫୋନ୍ ଉଠାଇ ନ ଥିଲେ। ଏହାର ପରଦିନ ଅର୍ଥାତ ୫ ତାରିଖ ଦିନ ବନମାଳୀ ସୋ'ରୁମ୍ ମୁଖ୍ୟଙ୍କୁ ସାକ୍ଷାତ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ବିଶ୍ୱଜିତ୍ ବିଭିନ୍ନ ଗ୍ରାହକଙ୍କ ନିକଟରୁ ମୋଟ୍ ୧ ଲକ୍ଷ ୨୮ ହଜାର ୬୨୧ ଟଙ୍କା ହଡ଼ପ କରିଥିବା ସୋ'ରୁମ୍ ମୁଖ୍ୟ ଖୋଳତାଡ଼ କରିବା ପରେ ଜାଣିବାକୁ ପାଇଥିଲେ। ଏନେଇ ବ୍ୟବସାୟ ମୁଖ୍ୟ ରୋମିଲା ମଜୁମ୍‌ଦାର ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବୁଧବାର ବ୍ରହ୍ମଗିରି ଅଞ୍ଚଳରୁ ବିଶ୍ୱଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗେମ୍ ଆପ୍ ଠକେଇ; ଦିଲ୍ଲୀ ଗଲା ପୁଲିସର ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୧୮।୧୨(ସମିସ): ଅନ୍‌ଲାଇନ୍ ଗେମ୍ ଆପ୍‌ରେ ଠକେଇ ମାମଲାରେ ଧରାପଡ଼ିଥିବା ବୈଭବ ଖାନା, କମଲ୍‌ଜିତ୍ ସିଂ, ଜି. ମହିପାଲ ଓ ପଟେଲ ତେଜଶଙ୍କ ବିଷୟରେ ଖୋଳତାଡ଼ କରିବା ପରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଏହି ଗ୍ୟାଙ୍ଗ୍‌କୁ ପରିଚାଳନା କରୁଥିବା ମାଷ୍ଟରମାଇଣ୍ଡ୍‌କୁ ଧରିବାକୁ ଦିଲ୍ଲୀ ଅଭିମୁଖେ ଯାଇଛି କମିସନରେଟ୍ ପୁଲିସର ଗୋଟିଏ ଟିମ୍। ମୁଖ୍ୟ ଅଭିଯୁକ୍ତର ଠିକଣା ଓ ଫୋନ୍ ନମ୍ବର ମିଳିବା ପରେ ତାକୁ ଧରିବା ଲାଗି ଦିଲ୍ଲୀ ପୁଲିସ ସହାୟତାରେ ଚଢ଼ଉ କରାଯାଇଛି। ଦିଲ୍ଲୀର ଏକାଧିକ ଆଡ୍ଡାରେ ଏହି ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଛି। ଅନୁରୂପ ଭାବେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରାଯାଇଛି।

## ଜମି ବିକ୍ରି ନାଁରେ ୭୪ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର,୧୮।୧୨(ସମିସ): ଜମି ବିକ୍ରି ଆଳରେ ୭୪ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାରଙ୍ଗ ଥାନା ଦାଢ଼ାପାଟଣାର ବିଜୟ ଗୋଲ୍ଡର (୩୪)। ପୁଲିସ ସୂଚନା ଅନୁସାରେ, ବ୍ରହ୍ମପୁରର ସନ୍ତୋଷ ପାଢ଼ୀ ଜଣେ ବନ୍ଧୁଙ୍କ ମାଧ୍ୟମରେ ବିଜୟ ସଂସ୍ପର୍ଶରେ ଆସିଥିଲେ। ବିଜୟ ତାଙ୍କ ନାମରେ ଲକ୍ଷ୍ମୀସାଗର ମୌଜାରେ ଥିବା ଜମିକୁ ବିକ୍ରି କରିବାକୁ ଚାହୁଁଥିବାବେଳେ ସନ୍ତୋଷ ଉକ୍ତ ଜମିକୁ କିଣିବା ପାଇଁ ମନସ୍ଥ କରିଥିଲେ। ଉଭୟଙ୍କ ମଧ୍ୟରେ ଜମି ମୂଲ୍ୟ ସ୍ଥିର ହେବା ପରେ ସନ୍ତୋଷ ୨୦୨୧ ଡିସେମ୍ବର ୨୧ରେ ବିଜୟଙ୍କୁ ଦୁଇଟି ପର୍ଯ୍ୟାୟରେ ୧୯ ଲକ୍ଷ ୯୯ ହଜାର ଟଙ୍କା ଦେଇ ଏକ ଚୁକ୍ତି କରିଥିଲେ। ଏହାପରେ ସନ୍ତୋଷ ୨୦୨୨ ଜାନୁଆରୀ ୩ରେ ୩୦ ଲକ୍ଷ ଓ ମାର୍ଚ୍ଚ ୫ରେ ୪ ଲକ୍ଷ ଟଙ୍କା ବିଜୟଙ୍କୁ ଦେଇଥିଲେ। ପ୍ରାୟ ୫୪ ଲକ୍ଷ ଟଙ୍କା ନେବାପରେ ମଧ୍ୟ ବିଜୟ ଜମି ପଞ୍ଜୀକରଣ କରିବା ବଦଳରେ ଜମି ମୂଲ୍ୟ ବଢ଼ି ଯାଇଥିବା କହି ଆହୁରି ଟଙ୍କା ଦାବି କରିଥିଲେ। ସନ୍ତୋଷ ବାଧ୍ୟ ହୋଇ ସେହି ବର୍ଷ ଏପ୍ରିଲ୍ ୪ ତାରିଖରେ ଆହୁରି ୨୦ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ୭୪ ଲକ୍ଷ ଟଙ୍କା ନେବାପରେ ବିଜୟ ଧରାଛୁଆଁ ଦେଇ ନ ଥିଲେ। ଏଥିସହିତ ଫୋନ୍ ମଧ୍ୟ ଉଠାଇ ନ ଥିଲେ। ଜମି ପଞ୍ଜୀକରଣ କରିବା ବଦଳରେ ସନ୍ତୋଷଙ୍କୁ ଧମକଚମକ ଦେଇଥିଲେ। ଏନେଇ ସନ୍ତୋଷ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ବୁଧବାର ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମାଞ୍ଜା ସୂତାରେ ଭିଜିଲାନ୍ସ ଅଧିକାରୀ ଆହତ

ଭୁବନେଶ୍ୱର,୧୮।୧୨(ସମିସ): ଆଗକୁ ମକର ସଂକ୍ରାନ୍ତି ଆସୁଥିବାବେଳେ ଚାଇନା ମାଞ୍ଜା ସୂତା ବାଇକ୍ ଆରୋହୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏଥିଲାଗି ବରମୁଣ୍ଡା ଓଭରବ୍ରିଜ୍ ଉପରେ ଅଘଟଣ ଘଟିଛି। ମାଞ୍ଜା ସୂତା ଲାଗି ଭିଜିଲାନ୍ସ ଅଧିକାରୀ ଭରତ ଭୂଷଣ ପଟ୍ଟନାୟକ ଆହତ



ହୋଇଛନ୍ତି। ତାଙ୍କ ଆଖି ଓ ନାକରେ ଆଘାତ ଲାଗିଛି। ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟାରେ ଭିଜିଲାନ୍ସ ବିଭାଗରେ କାର୍ଯ୍ୟରତ ପୁଲିସ ଅଧିକାରୀ ଭରତ ଭୂଷଣ ପଟ୍ଟନାୟକ କାମସାରି ୟୁନିଟ୍ ୮ ଅଞ୍ଚଳକୁ ଫେରୁଥିଲେ। ସେ ବରମୁଣ୍ଡା ଓଭରବ୍ରିଜ୍ ଅତିକ୍ରମ କରିବା ସମୟରେ ମାଞ୍ଜା ସୂତା ଲାଗି ଯାଇଥିଲା। ସୂତା ଲାଗି ତାଙ୍କ ଦୁଇ ଆଖି ଓ ନାକରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ସୌଭାଗ୍ୟବଶତଃ ଚଷମା ପିନ୍ଧିଥିବାରୁ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ପରେ ସେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବେଆଇନ ଗୁଡ଼ି ସୂତା ବିକ୍ରିରେ ରୋକ୍ ନ ଲାଗିବା ଓ ମାଞ୍ଜା ସୂତା ବ୍ୟବହାରକୁ ରୋକିବା ନିମନ୍ତେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି।

## କବାଟ ତାଡ଼ି ନେଇଗଲେ ଟଙ୍କା ଓ ସୁନାଗହଣା

ଧଉଳି,୧୮।୧୨(ସମିସ): ଧଉଳି ଥାନା ବିଜୟବିହାର ଲେନ୍-୨ରୁ ଜନୈକ ବ୍ୟକ୍ତିଙ୍କ ଘରର କବାଟ ତାଡ଼ି ଚୋରି ହୋଇଥିବା ଜଣାପଡ଼ିଛି। ଏନେଇ ଘର ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ଖବରନେବାରେ ଜଣାପଡ଼ିଛି, ଏହି ଲେନ୍‌ରେ ୭୬/୩୮୫ ନମ୍ବର ଫ୍ଲାଟ୍ ଦ୍ୱିତୀୟ ମହଲାରେ ମୃତ ଅଲେଖ ସାହୁଙ୍କ ପରିବାର ରୁହନ୍ତି। ସେମାନେ ସମସ୍ତେ ବାହାରେ ରହୁଥିବାରୁ ମଝିରେ ମଝିରେ ଘରକୁ ଆସନ୍ତି। ବୁଧବାର ଅପରାହ୍ଣରେ ସ୍ୱର୍ଗତ ସାହୁଙ୍କ ଝିଅ ବିଶ୍ୱମୈତ୍ରୀ ବାପାଙ୍କ ଘରକୁ ଯାଇଥିଲେ। ଘରେ ପହଞ୍ଚିଲା ବେଳକୁ କବାଟ ତଡ଼ାଯାଇଥିବାବେଳେ ଜିନିଷଗୁଡ଼ିକ ଚାରିଆଡ଼େ ପଡ଼ିଥିବା ଦେଖିଥିଲେ। ଏଥିସହ ଶୋଇବା ଘର ଆଲମିରାର ଲକର ଭଙ୍ଗା ଯାଇଥିଲା। ସେଥିରୁ ୧୦ ହଜାର ଟଙ୍କା, ୨ଟି ମୁଦି, ମଙ୍ଗଳସୂତ୍ର, ହଳେ ପାଉଁଜି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଶ୍ରୀମତୀ ମହାନ୍ତି ସମ୍ପୃକ୍ତ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ କରିଥିବାବେଳେ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୦ ହଜାର ଟଙ୍କା ଲୁଟ୍

ବାଲିଅନ୍ତା,୧୮।୧୨(ସମିସ): ବାଲିଅନ୍ତା ବ୍ଲକ୍ ଅଧୀନ ବାୟାଁପଦା ଛକ ନିକଟରେ ବୁଧବାର ଅପରାହ୍ଣ ୩ଟା ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ଘରୋଇ ଅର୍ଥ ଲଗାଣକାରୀ(ଫାଇନାନ୍ସ) ସଂସ୍ଥାର ଜଣେ କର୍ମଚାରୀଙ୍କ ବେକରେ କଟୁରୀ ଲଗାଇ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ସନ୍ଧ୍ୟାରାଣୀ ବିଶ୍ୱାଳ ଏନେଇ ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ସନ୍ଧ୍ୟାରାଣୀଙ୍କୁ ଥାନାରେ ପଚରାଉଚରା କରୁଛି। ସୂଚନା ଅନୁସାରେ, ସନ୍ଧ୍ୟାରାଣୀ ମହିଳା ମଣ୍ଡଳ ସଦସ୍ୟଙ୍କଠାରୁ ଟଙ୍କା ସଂଗ୍ରହ କରି ଫେରୁଥିଲେ। ହଠାତ୍ ୨ ଜଣ ଦୁର୍ବୃତ୍ତ ସନ୍ଧ୍ୟାରାଣୀଙ୍କ ପିଛା କରି ତାଙ୍କ ବେକରେ କଟୁରୀ ଲଗାଇ ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ।

ନୂଆବର୍ଷ ପାଇଁ ନିଶା ବଇନା

# ଜୀବନ ନେବ ଅପମିଶ୍ରିତ ବ୍ରାଉନ୍‌ସୁଗର

ଭୁବନେଶ୍ୱର,୧୮।୧୨(ସମିସ):

ନୂଆବର୍ଷ ଲାଗି ନିଶା ବେପାରୀ ସକ୍ରିୟ ହୋଇଗଲେଣି। ବଇନା ଦେଇ ବ୍ରାଉନ୍‌ସୁଗର, ଗଞ୍ଜେଇ, କଫ୍‌ସିରପ୍ ସହ ଅନ୍ୟ ନିଶାଦ୍ରବ୍ୟ କିଣିଲେଣି ବେପାରୀ। କମିସନରେଟ୍ ପୁଲିସର ନିଷ୍କ୍ରିୟତା ନିଶା ବେପାରୀଙ୍କୁ ଆହୁରି ସୁହାଉଛି। ବିଗତ କିଛିଦିନ ହେବ କମିସନରେଟ୍ ପୁଲିସ ବ୍ରାଉନ୍‌ସୁଗର ଜବତ କରିବାରେ ଏକପ୍ରକାର ଫେଲ୍ ହୋଇଯାଇଛି। କମିସନରେଟ୍ ପୁଲିସ ଜାରି କରିଥିବା ପ୍ରକଳ୍ପ 'ହ୍ୱାଇଟ୍ ସ୍ୱାଇଡର'କୁ ବନ୍ଦ କରିଦେଇଥିବା କଥା ବି ଚର୍ଚ୍ଚା ହେଉଛି। ନୂଆ ବର୍ଷ ଲାଗି ବ୍ରାଉନ୍‌ସୁଗର ଚାହିଦା ବଢୁଥିବାରୁ ଅପମିଶ୍ରିତ ମାଲ୍ ଏବେ ବଜାରରେ ମିଳୁଛି। ଟଙ୍କା ରୋଜଗାର କରିବା ଲାଗି ବ୍ରାଉନ୍‌ସୁଗର ଅପମିଶ୍ରିତ କରି ସେବନକାରୀଙ୍କୁ ବିକ୍ରି କରୁଛନ୍ତି। ଫଳରେ ବ୍ରାଉନ୍‌ସୁଗର ସେବନକାରୀ ଅପମିଶ୍ରିତ ବ୍ରାଉନ୍‌ସୁଗର ସେବନକରି ଜୀବନ ଯିବା ଭଳି ସାଂଘାତିକ ଅଭିଯୋଗ ଆସିଲାଣି। ସେପଟେ ବ୍ରାଉନ୍‌ସୁଗରରେ ଅପମିଶ୍ରିତ କରାଯାଉଥିବା କଥାକୁ ପୁଲିସ ବି ସ୍ୱୀକାର କରିଛି। ବଜାରରେ ଅପମିଶ୍ରିତ ନକଲି ବ୍ରାଉନ୍‌ସୁଗର ମିଳୁଥିବାରୁ ଆଗକୁ ପରିସ୍ଥିତି ଆହୁରି ଅସମ୍ଭାଳ ହେବ ବୋଲି କୁହାଯାଉଛି। ନିଶା ମାଫିଆ କିଲୋ କିଲୋ ବ୍ରାଉନ୍‌ସୁଗର କିଣିବା ପରେ ସେଥିରେ ଅପମିଶ୍ରଣ କରାଯାଉଛି। ଭାରତ-ବାଂଲାଦେଶ ସୀମାରେ ଥିବା ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲା ଲାଲଗୋଲା, ନର୍ଦ୍ଦିଆ ଓ ବର୍ଦ୍ଧମାନ ଏବଂ ମାଲ୍‌ଦା, ମ୍ୟାଁମାର, ମଣିପୁରରୁ ବ୍ରାଉନ୍‌ସୁଗର ଆସୁଛି। ପଙ୍କ କାଦୁଅ ଭଳି ଦିଶୁଥିବା ଏହି ନିଶାଦ୍ରବ୍ୟରେ କିଛି ରାସାୟନିକ ପଦାର୍ଥ ମିଶାଯାଉଛି। ଶୁଖିବା ପରେ ଗ୍ରାଇଣ୍ଡର ଓ ମେସିନ୍‌ରେ ପାଉଡର କରାଯାଉଛି। ଏହାକୁ କିଣିବା ପରେ ଜଳେଶ୍ୱର ଓ ବାଲେଶ୍ୱରର ମାଫିଆମାନେ ପୁଣି ଅପମିଶ୍ରଣ କରୁଛନ୍ତି। ସେମାନେ ଧୂପ ଓ ମଶାଧୂପ ପାଉଁଶ, ମଲା ଝିଟିପିଟି ପୋଡ଼ି ପାଉଁଶ ଏବଂ ହୋମିଓପାଥି ଔଷଧର ପାଉଡର ମିଶାଇ ନକଲି ମାଲ୍ ମିଶାଉଛନ୍ତି। ଅନୁରୂପ ଭାବେ ଗଞ୍ଜେଇ ସହ ମଦ ଏବଂ ଅନ୍ୟ ନିଶାଦ୍ରବ୍ୟ ବି ଅପମିଶ୍ରଣ କରାଯାଉଥିବା ଅଭିଯୋଗ ହେଉଛି।

### ସ୍ଥିତି ଅସମ୍ଭାଳ କଲାଣି ନକଲି ନିଶାଦ୍ରବ୍ୟ



### ନିଶାଦ୍ରବ୍ୟର ମାନ ପରଖୁଛନ୍ତି ନିଶାଡ଼ି

ବ୍ରାଉନ୍‌ସୁଗରରେ ନିଶାର ମାତ୍ରା ପରଖୁଛନ୍ତି ନିଶାଖୋର୍। ବ୍ରାଉନ୍‌ସୁଗର ଅସଲ ନା ଏଥିରେ ଅପମିଶ୍ରଣ ହୋଇଛି ସେବନ ପରେ ନିଶାଖୋର୍ ସ୍ପଷ୍ଟ କରୁଛନ୍ତି। ରାଜ୍ୟରୁ ପୁଳାପୁଳା ବ୍ରାଉନ୍‌ସୁଗର ଜବତ ହେଉଛି। ସହରଠାରୁ ଗାଁ, ମନ୍ଦିରଠାରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାଡ଼ିଗଲାଣି ବ୍ରାଉନ୍‌ସୁଗର ବେପାର। ଜବତ କରାଯାଉଥିବା ବ୍ରାଉନ୍‌ସୁଗର ମାନ ପରୀକ୍ଷା ଲାଗି ରାଜ୍ୟ ଫୋରେନ୍‌ସିକ୍ ଲାବୋରେଟୋରୀକୁ ପଠାଯାଇଥାଏ। ମାତ୍ର ଏବେ ସାରା ଓଡ଼ିଶାରେ ଏତେ ପରିମାଣର ବ୍ରାଉନ୍‌ସୁଗର ଜବତ ହେଉଛି ଯେ ପରୀକ୍ଷା ଲାଗି ବିଳମ୍ବ ହେଉଛି। ତେଣୁ କିଛି ଜିଲ୍ଲାରେ ବ୍ରାଉନ୍‌ସୁଗର ଜବତ



ହେବା ପରେ ସେଠାକାର ପୁଲିସ ବ୍ରାଉନ୍‌ସୁଗର ସେବନ କରୁଥିବା ବ୍ୟକ୍ତିଙ୍କୁ ଥାନାକୁ ଡାକୁଛି। ପରେ ବ୍ରାଉନ୍‌ସୁଗର ଅସଲ ଅଛି ନା ଏଥିରେ କେତେ ପରିମାଣରେ ଅପମିଶ୍ରଣ ହୋଇଛି, ଏହାର ମାନ ଯାଞ୍ଚ କରିବା ଲାଗି ସେବନ କରିବାକୁ ଦେଉଛି। ନିଶାଖୋର ବ୍ରାଉନ୍‌ସୁଗର ସେବନ କରିବା ପରେ ଅସଲ କିମ୍ବା ଅପମିଶ୍ରଣ ହୋଇଛି କି ନାହିଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରୁଥିବା ବିଶେଷସୂତ୍ରରୁ ଜଣାପଡ଼ିଛି।

## ୨୫୦ ବ୍ରାଉନ୍‌ସୁଗର ଛୁଇଁଲେ ୨୦ ବର୍ଷ ସଜା

ବ୍ରାଉନ୍‌ସୁଗର କାରବାରକୁ ବ୍ୟାବସାୟିକ, ମଧ୍ୟମ ଓ ସ୍ୱଳ୍ପ ଭଳି ୩ଟି ଶ୍ରେଣୀରେ ବିଭକ୍ତ ହୋଇଛି। ବାଣିଜ୍ୟିକ କାରବାର କରୁଥିବା ନିଶା ବେପାରୀଙ୍କଠାରୁ ୨୫୦ ଗ୍ରାମ୍‌ରୁ ଅଧିକ ବ୍ରାଉନ୍‌ସୁଗର ଧରାପଡ଼ିଲେ ୧୦ରୁ ୨୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ସହ ଜରିମାନା ପ୍ରାବଧାନ ରହିଛି। ମଧ୍ୟମ ଧରଣର ୫ରୁ ୨୫୦ ଗ୍ରାମ୍‌ର ବ୍ରାଉନ୍‌ସୁଗର ଧରାପଡ଼ିଲେ ୧୦ ବର୍ଷ ଓ ସ୍ୱଳ୍ପଧରଣ ବା ୫ ଗ୍ରାମ୍‌ରୁ କମ୍ ବ୍ରାଉନ୍‌ସୁଗର ବିକ୍ରି କିମ୍ବା ସେବନ କରୁଥିବା ଧରାପଡ଼ିଲେ ବର୍ଷେ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ସହ ଜରିମାନା ବ୍ୟବସ୍ଥା ରହିଛି। ସେହିପରି ନିଶା ମାଫିଆ ଧରାପଡ଼ିଲେ, ପୂର୍ବ ୬ ବର୍ଷର କମାଇଥିବା କଳାଧନର ହିସାବ କରାଯାଉଛି। ଅଚଳାଚଳ ସମ୍ପତ୍ତିର ଖୋଳତାଡ଼ କରିବା ପରେ ସମ୍ପତ୍ତିକୁ ବାଜ୍ୟାପ୍ତି ଲାଗି ଏନ୍‌ଡିପିଏସ୍‌ର କୋଲକାତା କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଚିଠି ଲେଖାଯାଉଛି।



# ବିଏମ୍‌ସିର ଏକ୍ସପୋଜର୍ ଭିଜିଟ୍ ନା ମନୋରଞ୍ଜନ

ଭୁବନେଶ୍ୱର,୧୮ା୧୨(ସମିସ):

ପ୍ରତ୍ୟେକ ମାସରେ ବିଏମ୍‌ସି ଏକ୍ସପୋଜର ଭିଜିଟ୍ ଆୟୋଜନ କରୁଛି। ଲକ୍ଷାଧିକ ଟଙ୍କା ବ୍ୟୟ କରି ବିଏମ୍‌ସି ଅଧିକାରୀ, ବିଶେଷଜ୍ଞ ଓ ଲୋକ ପ୍ରତିନିଧିମାନଙ୍କୁ ରାଜ୍ୟ ବାହାରକୁ ପଠାଉଛି। କେତେବେଳେ କାଶ୍ମୀର ତ ପୁଣି କେତେବେଳେ କେରଳ ଗସ୍ତରେ ପଠାଯାଉଛି। ଆଉ କେତେବେଳେ ଥିରୁଅନନ୍ତପୁରମ୍, ନାଗରକୋଲି, ରାମେଶ୍ୱରମ୍ ଏବଂ ମଦୁରାଇ ଭଳି ସହର ପଠାଯାଉଛି। ଉଦ୍ଦେଶ୍ୟ ଏମାନେ ଏଠାରୁ କିଛି ଶିଖି ବିଏମ୍‌ସିର ବିଭିନ୍ନ କାର୍ଯ୍ୟରେ ଏହାକୁ କାର୍ଯ୍ୟକାରୀ କରିବା କଥା। ହେଲେ ଏଥିରୁ କିଛି ଫଳ ମିଳୁନି। କାର୍ଯ୍ୟକାରୀ କରିବା ଦୂରେ ଥାଉ ଏକ୍ସପୋଜର ଭିଜିଟ୍‌ରୁ କ'ଣ ଶିଖିଲେ ଧାଡ଼ିଟିଏ ବି କର୍ପୋରେସନ ବୈଠକରେ ମୁହଁ ଖୋଲୁନାହାନ୍ତି। ଏଭଳି ଏକ୍ସପୋଜର ଭିଜିଟ୍‌କୁ ନେଇ କିଛି କର୍ପୋରେଟର ଗତ କର୍ପୋରେସନ ବୈଠକରେ ପ୍ରଶ୍ନ ଉଠାଇଥିଲେ। ଅନ୍ୟପକ୍ଷରେ ବିଏମ୍‌ସି ଏକ୍ସପୋଜର ଭିଜିଟ୍‌କୁ କିଛି ଅଧିକାରୀ ରାଜ୍ୟ ବାହାରକୁ ଯାଇ ମନୋରଞ୍ଜନର ଏକ ଜରିଆ ବନାଇ ଦେଇଥିବା ଚର୍ଚ୍ଚା ହେଉଛି।



ଏକ୍ସପୋଜର ଭିଜିଟ୍ ପାଇଁ ବିଏମ୍‌ସି ପକ୍ଷରୁ ଓଟିଡିସି ଟୁର୍ ଆଣ୍ଡ ଟ୍ରାଭେଲ୍ସକୁ ଦାୟିତ୍ୱ ଦିଆଯାଇଛି। ଓଟିଡିସି ଟୁର୍ ଆଣ୍ଡ ଟ୍ରାଭେଲ୍ସ ବିମାନ ଟିକଟ, ଲଜ୍, ଖାଦ୍ୟ ଏବଂ ବିଭିନ୍ନ ମ୍ୟୁନିସିପାଲିଟିରେ ବୈଠକ ବାବଦକୁ ୩୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାର ୬୦ ପ୍ରତିଶତ ଉକ୍ତ ସଂସ୍ଥାକୁ ଅଗ୍ରୀମ ବାବଦକୁ ୧୯ ଲକ୍ଷ ଟଙ୍କା ଦିଆଯାଇଛି। ତେବେ ଏତେ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଏଥିରୁ ମିଳୁଛି କ'ଣ ବୋଲି କର୍ପୋରେଟରମାନେ ଜାଣିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପ୍ରତ୍ୟେକ ମାସରେ ରାଜ୍ୟ

### ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି କର୍ପୋରେସନରେ; ପଦୁଟିଏ ଆଲୋଚନା ବି ହେଉନି

ବାହାରକୁ ଏକ୍ସପୋଜର ଭିଜିଟ୍‌ର ଆୟୋଜନ କରାଯାଉଛି। ବର୍ଷ ତମାମ ବିଏମ୍‌ସି ପକ୍ଷରୁ ଏଭଳି ଏକ୍ସପୋଜର ଭିଜିଟ୍ ଚାଲିଛି। ଏଭଳି ଗସ୍ତରେ ଯାଉଥିବା ଅଧିକାରୀ କିମ୍ବା ଲୋକ ପ୍ରତିନିଧି ରାଜ୍ୟ ବାହାର ମହାନଗର ନିଗମର ଅଧିକାରୀ ଏବଂ ଲୋକପ୍ରତିନିଧିଙ୍କ ସହ ଆଲୋଚନା କରନ୍ତି। ସେଠାକାର ପରିମଳ କିଭଳି କାର୍ଯ୍ୟକାରୀ କରୁଛି ଅନୁଧ୍ୟାନ କରନ୍ତି। ଏହାସହ ଉକ୍ତ ସହରର ଭଲ କାମକୁ ଅନୁଧ୍ୟାନ କରିବା ପରେ ଏହାକୁ ଭୁବନେଶ୍ୱରରେ ଅବିକଳ କିମ୍ବା ଏହାକୁ ସାମାନ୍ୟ ପରିବର୍ତ୍ତନ କରି ଏହାକୁ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଏ। ଏ ସମ୍ପର୍କରେ ବିଏମ୍‌ସି କର୍ପୋରେସନରେ ଆଲୋଚନା କରାଯାଏ। ହେଲେ ବିଏମ୍‌ସିରେ ସେଭଳି ବି କିଛି ହେଉନାହିଁ। ସେଠାକାର ଦର୍ଶନୀୟ ସ୍ଥାନ କିମ୍ବା ପର୍ଯ୍ୟଟନସ୍ଥଳୀ, ହୋଟେଲ ଲବି କିମ୍ବା ବିମାନଯାତ୍ରା ସମୟର ଫଟୋ କିମ୍ବା ରିଲ୍ସ ଦେଖିବାକୁ ମିଳୁଛି। ସାଙ୍ଗସାଥୀ ମହଲରେ କୁଆଡ଼େ ଯାଇଥିଲେ ବୋଲି ଚର୍ଚ୍ଚା କରୁଛନ୍ତି। ହେଲେ ଏହାର ଉଦ୍ଦେଶ୍ୟ କିମ୍ବା ଏଠାରୁ ଆହରଣ କରିଥିବା ଜ୍ଞାନ ସମ୍ପର୍କରେ ନୀରବତା ଦେଖାଦେଉଛି। ଇଆଡୁ ସିଆଡୁ ସବୁ କଥା କହୁଛନ୍ତି। ହେଲେ କାହିଁକି ଯାଇଥିଲେ, ସେଠାରୁ କ'ଣ ଶିଖିଲେ ସେ ସମ୍ପର୍କରେ ଧାଡ଼ିଟିଏ ବି କେହି କହୁନାହାନ୍ତି। ଏପରିକି ସେଠାରୁ କ'ଣ ଶିଖିଲେ ବିଏମ୍‌ସିର କର୍ପୋରେସନରେ ମଧ୍ୟ ଆଲୋଚନା କରୁନାହାନ୍ତି।

# କହୁଛନ୍ତି କର୍ମଚାରୀ; ମିଳୁନି ନିୟମିତ ଦରମା

ଭୁବନେଶ୍ୱର,୧୮ା୧୨(ସମିସ): ଠିକାସଂସ୍ଥାଗୁଡ଼ିକ ବିଏମ୍‌ସିରେ ଲୋକଙ୍କୁ କାମରେ ଲଗାଇ ମୋଟା ଅଙ୍କର ଲାଭ କମାଉଛନ୍ତି। ହେଲେ ସୁବିଧା ଦେଲା ବେଳକୁ ଆଉ ଧରାଛୁଆଁ ଦେଉନାହାନ୍ତି। ଏପରିକି ଶ୍ରମ ଆଇନକୁ ଏମାନେ ଅନେକ ସମୟରେ ଫୁ' କରି ଦେଉଛନ୍ତି। ଦରମା ଏପରି ଦେଉଛନ୍ତି ସେମାନଙ୍କ ପରିବାର ଚଳିବା ଦୂରର କଥା ନିଜେ ବି ଚଳିବା କଷ୍ଟ ହୋଇପଡୁଛି। ଏହାକୁ ନେଇ ବିଭିନ୍ନ ସମୟରେ ବିଏମ୍‌ସିରେ ହଙ୍ଗାମା ହେଉଛି। ବିଏମ୍‌ସି କାର୍ଯ୍ୟାଳୟ ଘେରଉ କରିବା ସହ କାମ ବନ୍ଦ କରିବାରୁ ବିଏମ୍‌ସି ବଦନାମ ହେଉଛି। ହେଲେ ଠିକା ସଂସ୍ଥା ବିରୋଧରେ ବିଏମ୍‌ସି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

'ଟିମ୍ ସାଇନ୍' କଥା ଉଠିଲେ ବିଏମ୍‌ସି ଅଧିକାରୀମାନେ କହିବାକୁ ଲାଗନ୍ତି ଏମାନେ ଆମ କର୍ମଚାରୀ। ବିଏମ୍‌ସି ପାଇଁ ଏମାନେ ଜବରଦଖଲ ଉଚ୍ଛେଦ କରନ୍ତି। ବିଏମ୍‌ସି ପାଇଁ ସମସ୍ତ ପ୍ରକାର ଏନ୍‌ଫୋର୍ସମେଣ୍ଟ କାମ ବି

### ବିଏମ୍‌ସି ଠିକା ସଂସ୍ଥା ବିରୋଧରେ ଶ୍ରମ କମିସନଙ୍କୁ ଫେରାଦ

କରନ୍ତି। ହେଲେ ପ୍ରକୃତରେ ଏମାନେ ବିଏମ୍‌ସି ଅଧୀନରେ ସିଧାସଳଖ ନିଯୁକ୍ତି ନ ପାଇ ଏକ ଘରୋଇ ସଂସ୍ଥା ମାଧ୍ୟମରେ ବିଏମ୍‌ସିକୁ ଆସିଥା'ନ୍ତି। କିଛି କର୍ମଚାରୀଙ୍କ କହିବା ଅନୁଯାୟୀ, ୧୨ରୁ ୧୩ ଘଣ୍ଟା କାମ କରିବାକୁ ପଡ଼ିଥାଏ। ହେଲେ ଦରମା ମିଳିଲା ବେଳକୁ ୧୦ ହଜାର ୫୦୦ ଟଙ୍କା। ଟିମ୍ ଲିଡରମାନଙ୍କୁ ୧୮ ହଜାର ୫୦୦ ଟଙ୍କା ମିଳୁଛି। ଏଠି ଚାକିରି କରି ଘର ଲୋକଙ୍କ ପେଟ ପୋଷିବା ତ ଦୂରେ ଥାଉ ନିଜ ପେଟ ବି ପୂରୁନି। ନିୟମିତ ଦରମା ନ ମିଳିବା ସହିତ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଦୈନିକ ସର୍ବନିମ୍ନ ମଜୁରୀ ବି ଏମାନଙ୍କ ଉପରେ ଲାଗୁ କରାଯାଉ ନାହିଁ। ନିଯୁକ୍ତିର କୌଣସି ନିୟମ ସଂସ୍ଥା ମାନୁନାହିଁ। ନିୟମ ଅନୁଯାୟୀ, ସାମାଜିକ ସୁରକ୍ଷା ପାଇଁ ବିଭିନ୍ନ ସଂସ୍ଥା ଇପିଏଫ୍ ଏବଂ ଇଏସ୍‌ଆଇ ଲାଗୁ କରିଥାନ୍ତି। ହେଲେ ଏମାନଙ୍କୁ ଉକ୍ତ ଘରୋଇ ସଂସ୍ଥା ବର୍ଷ ବର୍ଷ ଧରି କାମ କରାଉଥିଲେ ମଧ୍ୟ ଇପିଏଫ୍ ଏବଂ ଇଏସ୍‌ଆଇ ଲାଗୁ କରିବାକୁ ନେଇ କେବଳ ଦିନ ଗଡ଼ାଇ ଚାଲିଛି। କର୍ମଚାରୀଙ୍କୁ ବୋନସ୍ ଦେବା ଦୂରର କଥା ବାର୍ଷିକ କୌଣସି ସିଏଲ୍ କିମ୍ବା ଇଏଲ୍ ବି ମିଳୁନି। ଏନେଇ ଟିମ୍ ସାଇନ୍ ସଦସ୍ୟମାନେ ଶ୍ରମ କମିସନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶ୍ରମ କମିସନ ମଧ୍ୟ ସେମାନଙ୍କ ଅଭିଯୋଗକୁ ଗ୍ରହଣ କରିଛନ୍ତି।

■ ମଶାଣି ପଡ଼ିଆରେ ଗଞ୍ଜେଇ ଡିଲ୍

# ଦମ୍ପତିଙ୍କ ସମେତ ୪ ଗିରଫ

ଭୁବନେଶ୍ୱର,୧୮ା୧୨(ସମିସ): ମଶାଣି ପଡ଼ିଆରେ ଚାଲିଥିବା ଗଞ୍ଜେଇ କାରବାରକୁ ପଣ୍ଡ କରିଛି ଖଣ୍ଡଗିରି ଥାନା ପୁଲିସ। ଦମ୍ପତିଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗଞ୍ଜେଇଭର୍ତ୍ତି କାର୍ ଓ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ



କାର୍ ଓ ଟଙ୍କା ଜବତ

ପଣ୍ଡାକୁଦିଆ ବସ୍ତିର ପ୍ରକାଶ ଦିଗାଲ (୪୬), ପତ୍ନୀ ମଧୁସ୍ମିତା ଦିଗାଲ (୪୦), ଲକ୍ଷ୍ମଣାନନ୍ଦ ବସ୍ତିର ଦିଲ୍ଲୀପ ଦିଗାଲ (୫୦) ଓ ଫୁଲବାଣୀ ସଦର ଥାନା ଡୁମୁରିଗୁଡ଼ାର ଭୀମସେନ ଦିଗାଲ (୪୦)। ପୁଲିସ ସୂଚନା ଅନୁସାରେ, ଖଣ୍ଡଗିରି ଥାନାର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ବରମୁଣ୍ଡା ଅଞ୍ଚଳରେ ଗଞ୍ଜେଇ କାରବାର ଚାଲିଥିବା ଖବର ମିଳିଥିଲା। ପୁଲିସ ଟିମ୍ ବରମୁଣ୍ଡା ମଶାଣି ନିକଟରେ ଚଢ଼ଉ କରି ଉକ୍ତ ୪ ଜଣଙ୍କୁ କାବୁ କରିଥିଲା। ଛାନ୍‌ଭିନ୍ ସମୟରେ ସେମାନଙ୍କ ହେପାଜତରୁ ଜରିବସ୍ତାରେ ଥିବା ମୋଟ୍ ୨୨ କିଲୋ ଓଜନର ଗଞ୍ଜେଇ, ଗୋଟିଏ କାର୍ ଓ ୧ ହଜାର ଟଙ୍କା ଜବତ କରିଥିଲା। ଅଭିଯୁକ୍ତମାନେ ଫୁଲବାଣୀ ଅଞ୍ଚଳରୁ ବେଆଇନ ଗଞ୍ଜେଇ ସଂଗ୍ରହ କରି ଆଣି ଭୁବନେଶ୍ୱରର ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି।

# ୨୨ରୁ ବିଏମ୍‌ସିର ପଥୋତ୍ସବ

ଭୁବନେଶ୍ୱର,୧୮ା୧୨(ସମିସ): ପୁଣି ଶୀତୁଆ ସକାଳରେ ନାଚ, ଗୀତ, ଖେଳକୁଦରେ ମତୁଆଲା ହେବେ ସହରବାସୀ। ଆସନ୍ତା ୨୨ ତାରିଖଠାରୁ ପୁଣି ଥରେ ଆରମ୍ଭ ହେବ "ପଥୋତ୍ସବ'। ଏନେଇ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରବିବାର ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ରାମ ମନ୍ଦିର ମଧ୍ୟରେ ହେବାକୁ ଥିବା ପଥୋତ୍ସବରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାଷ୍ଟରକ୍ୟାଣ୍ଟିନ୍‌ଠାରେ ମୁଖ୍ୟ ମଞ୍ଚ ଏବଂ ରାମମନ୍ଦିର ନିକଟରେ ଦ୍ୱିତୀୟ ମଞ୍ଚ ନିର୍ମାଣ ହେବ। ସକାଳ ୬ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଗୀତ, ନୃତ୍ୟ, ଝୋଟି, ଯୋଗ, ସ୍କେଟିଂ, ସାଇକ୍ଲିଂ, ବାସ୍କେଟ୍‌ବଲ୍, ଲୁଡୁ, କୁଇଜ୍ ପ୍ରତିଯୋଗିତା, ରଙ୍ଗୋଲୀ, ମ୍ୟାଜିକ୍ ଶୋ', କ୍ଲେ ଆର୍ଟ, ଫେସ୍ ପେଣ୍ଟିଂ, ଜୁମ୍ବା ଡ୍ୟାନ୍ସ ଆଦି ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ପୂର୍ବଥର ପରି ଚଳିତ ବର୍ଷ ମଧ୍ୟ ୩ଟି ଜୋନ୍‌ରେ ପଥୋତ୍ସବ ଅନୁଷ୍ଠିତ ହେବ। ୨୨ରେ ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ପଥୋତ୍ସବ ଅନୁଷ୍ଠିତ ହେଉଥିବାବେଳେ, ପରେ ଅନ୍ୟ ଦୁଇଟି ଜୋନ୍‌ରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ

ବାଲିଅନ୍ତା,୧୮ା୧୨(ସମିସ): ଜୟଦେବ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ କାର୍ଯ୍ୟାଳୟ ଗଡ଼ଶ୍ରୀରାମପୁରଠାରେ ବାଲିଅନ୍ତା ବ୍ଲକ୍ ଅଧୀନସ୍ଥ ୧୬ଟି ଗ୍ରାମ ପଞ୍ଚାୟତକୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଆମ ସଂଗଠନର ସଭାପତି କମଳ କୁମାର ପାତ୍ରଙ୍କ ନେତୃତ୍ୱରେ ସଭା ପରିଚାଳନା ହୋଇଥିଲା। ଏଥିରେ ବିଧାୟକ ନବ କିଶୋର ମଲ୍ଲିକ, ବାଲିଅନ୍ତା ବ୍ଲକ୍ ବିଜେଡି ସଭାପତି ପ୍ରଦୀପ କୁମାର ଜେନାମଣି, ପୂର୍ବତନ ବ୍ଲକ୍ ସଭାପତି ଅଚ୍ୟୁତାନନ୍ଦ ପାତ୍ର, ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦିଲ୍ଲୀପ ସେଠୀ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା, ପ୍ରତ୍ୟେକ ପଞ୍ଚାୟତର ସଭାପତି ଏବଂ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ।




# କାମୁକ ବାପାକୁ ୪ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର,୧୮ା୧୨(ସମିସ): ବାଣପୁର ଥାନା ଅଞ୍ଚଳରେ ଝିଅକୁ ଦୁଷ୍କର୍ମ ଉଦ୍ୟମ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭୁବନେଶ୍ୱର ଏଡିଜେ-୪ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ପ୍ରଦୀପ ବେହେରା କାମୁକ ବାପାକୁ ୪ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି।

ସୁରତରେ କାମ କରୁଥିବା ବାଣପୁର ଥାନା ଅଞ୍ଚଳର ବ୍ୟକ୍ତି ଜଣକ ଗାଁକୁ ଆସିବା ପରେ ୨୦୨୧ ଜାନୁଆରୀ ୭ରେ ନିଜ ୧୬ ବର୍ଷୀୟା ଝିଅକୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ନାବାଳିକାର ଚିତ୍କାର ଶୁଣି ମାଆ ଓ ଅନ୍ୟମାନେ ଧାଇଁ ଆସିବାରୁ କାମୁକ ବାପା ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଏନେଇ ପୀଡ଼ିତାର ମାଆ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାଣପୁର ଥାନା ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ୩ ଜଣ ତଦନ୍ତକାରୀ ଅଧିକାରୀ, ପୀଡ଼ିତା ଓ ତାଙ୍କ ମାଆଙ୍କ ବୟାନ ଏବଂ ୬୧ଟି ପ୍ରଯୁଜ୍ୟ ଦସ୍ତାବିଜ୍ ଆଧାରରେ ବିଚାର କରି ୪ ବର୍ଷ ଜେଲ୍ ଦଣ୍ଡାଦେଶ ଓ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ପୀଡ଼ିତା ନାବାଳିକାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ଦେବା ପାଇଁ ଡିଏଲ୍‌ଏସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ୍ ପ୍ରୋସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

ରାଜଧାନୀରେ ମାଲମାଲ ବିଶୁଦ୍ଧ ପାଣି କମ୍ପାନୀ

# ବୋତଲ ଅସଲି; ପାଣି ନକଲି

ଭୁବନେଶ୍ୱର,୧୮ା୧୨(ସମିସ):

ରାଜଧାନୀରେ ଏବେ କିଣା ପାଣିର ଚାହିଦା ପୂର୍ବାପେକ୍ଷା ବୃଦ୍ଧି ପାଇଛି। ହଷ୍ଟେଲ୍ ଓ ଏକାକୀ ରହୁଥିବା ଯୁବପିଢ଼ି ପାଣି କିଣି ପିଉଛନ୍ତି। ଏହାର ଫାଇଦା ନେଇ ବେପାର ଜମାଇଛନ୍ତି କିଛି ଅସାଧୁ ବ୍ୟବସାୟୀ। ଖୋଲାଖୋଲି ବେଆଇନ ଭାବେ ପାଣି କାରବାର କରୁଛନ୍ତି। ଯେଉଁ ପାଣିକୁ ଲୋକେ କିଣି ପିଉଛନ୍ତି ତାହା ତାଙ୍କ ବ୍ୟବହାର ଉପଯୋଗୀ ନା ନାହିଁ ସେମାନେ ଜାଣିପାରୁନାହାନ୍ତି। ବିନା ଲାଇସେନ୍ସରେ ଲକ୍ଷ ଲକ୍ଷ ଟଙ୍କାର ପିଇବା ପାଣିର କାରବାର ଚାଲିଛି। ବିଲ୍ ଭାଉଚର ମାଗିଲେ ବି ଲୋକଙ୍କୁ ଦିଆଯାଉନି। କିଏ ନାଳକଡ଼େ ପାଣି ପ୍ୟାକିଂ ମେସିନ୍ ବସାଇଛନ୍ତି ତ ଆଉ କିଏ ବୋର୍‌ୱେଲ୍‌ରୁ ପାଣି ଉଠାଇ ପ୍ୟାକିଂ କରୁଛନ୍ତି। ସାଧାରଣ କିଛି ବିଶୋଧନ ସାମଗ୍ରୀ ପକାଇ



ପାଣିକୁ ବଜାରରେ ବିକ୍ରି କରୁଛନ୍ତି। ଗୋଟିଏ ପଟେ ବେଆଇନ କାରବାର ଚଳାଇଛନ୍ତି ଓ ଅନ୍ୟପଟେ ଜିଏସ୍‌ଟି ବି ଫାଙ୍କୁଥିବା ଅଭିଯୋଗ ହେଉଛି।

ମାଲମାଲ ପାଣି ପ୍ୟାକିଂ ଫ୍ୟାକ୍ଟ୍ରି ସହରରେ ରହିଛି। ପାଣି ଜାର୍ ଭଳିକି ଭଳି ଡିଜାଇନ୍‌ର ବଜାରରେ ବିକ୍ରି ହେଉଛି। ବିଭିନ୍ନ କମ୍ପାନୀ ନାଁରେ ମାଲିକମାନେ ବିଶୁଦ୍ଧ ପିଇବା ପାଣି ନାଁରେ କାରବାର ଚଳାଇଛନ୍ତି। ରିବେଲ୍, ସୁଦ୍ଧ ଆକ୍ୱା, ସିପ୍‌ଲେରୀ ସହ ଆଉ କିଛି କମ୍ପାନୀ ବର୍ତ୍ତମାନ ସହରରେ ବେପାର ଜମାଇଛନ୍ତି। କମ୍ପାନୀ ନାଁରେ ସାଧାରଣ ଲାଇସେନ୍ସ ହାତେଇ ପିଇବା ପାଣି କାରବାର ସବୁ କରୁଛନ୍ତି। ସାରା ରାଜ୍ୟରେ ବିଭିନ୍ନ ନକଲି କାରବାର ଉପରେ ଚଢ଼ଉ ହେଉଥିବାବେଳେ ଖୋଦ୍ ରାଜଧାନୀରେ ନକଲି ପାଣି ବେପାର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ପୁରୁଣା ଏକ୍ସପାୟରୀ ପାଣିକୁ ଷ୍ଟିକର୍ ବଦଳାଇ ପୁଣି ରି-ପ୍ୟାକିଂ କରାଯାଇ ବଜାରକୁ ଛାଡୁଛନ୍ତି। ପାଣି ଜାର୍ ବେପାର କରୁଥିବା ମାଲିକଙ୍କ ପାଖରେ ବିଏସ୍‌ଏସ୍‌ଆଇ ସାର୍ଟିଫିକେସନ, ପାଣି ପରୀକ୍ଷଣ ରିପୋର୍ଟ, ଏଫ୍‌ଏଏସ୍‌ଏସ୍‌ଆଇ ଲାଇସେନ୍ସ କିଛି ବି ନାହିଁ। ପିଇବା ପାଣି କାରବାର କରିବାକୁ ୟୁନିଟ୍ ବସାଇଲେ ଯାହା ସବୁ ନୀତିନିୟମ ରହିଛି କେହି ବି ପାଳନ କରୁନାହାନ୍ତି। ପାଣି ବ୍ୟବସାୟରେ ଏଭଳି ଅନିୟମିତତା ନେଇ ଖାଦ୍ୟ ସୁରକ୍ଷା ଅଧିକାରୀ ଜାଣିଥିଲେ ସୁଦ୍ଧା ପାଣି କାରବାର କରୁଥିବା ଫ୍ୟାକ୍ଟ୍ରି ଉପରେ ଚଢ଼ଉ ହେଉନାହିଁ କି ସେମାନେ କେମିତି କାରବାର କରୁଛନ୍ତି ତାହାକୁ ତଦାରଖ କରାଯାଉ ନାହିଁ। ପ୍ରଶାସନ ବି ପାଣି ଫ୍ୟାକ୍ଟ୍ରି ସବୁରେ କ'ଣ କାରବାର ହେଉଛି ତାହାର କୌଣସି ଖୋଜ୍‌ଖବର ରଖୁନାହିଁ। ଫଳରେ ଏଠି ମନମାନୀ ଚାଲିଛି। ସେହିଭଳି ଏହି ଅନାମଧେୟ ସଂସ୍ଥାର ପାଣି ବୋତଲ ଫ୍ୟାକ୍ଟ୍ରିରେ ବହୁ କାମ୍ ଦାମ୍‌ରେ ମିଳୁଥିବା ଦୋକାନୀମାନେ କିନ୍ତୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ବ୍ରାଣ୍ଡ ପାଣିରେ କମ୍ ଲାଭ ମିଳୁଥିବାରୁ ମୁନାଫାଖୋର୍ ବ୍ୟବସାୟୀମାନେ ଏହି ପନ୍ଥା ଆପଣାଉଥିବା ଜଣାପଡ଼ିଛି।

Heartfelt congratulations to 'The Sakala' on its remarkable journey of four glorious years !

Best Compliments from
JSW Utkal Steel Ltd., Paradip

# ସୂର୍ଯ୍ୟ କୃଷ୍ଣମୂର୍ତ୍ତିଙ୍କୁ ୧୫ତମ ଭରତମୁନି ସମ୍ମାନ



ଭୁବନେଶ୍ୱର,୧୮ା୧୨(ସମିସ): ଓଡ଼ିଶାର ବହୁ ପୁରାତନ ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରେ ଅବସ୍ଥିତ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ତରଫରୁ ୧୫ତମ ଭରତମୁନି ସମ୍ମାନ ସମାରୋହ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୧୫ତମ ନାଟ୍ୟଶାସ୍ତ୍ର ଭରତ ମୁନି ସମ୍ମାନରେ ସମ୍ମାନିତ ହୋଇଛନ୍ତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ, ଜାତୀୟ କଳାକାର, ବୈଜ୍ଞାନିକ, ନିର୍ଦ୍ଦେଶକ ସୂର୍ଯ୍ୟ କୃଷ୍ଣମୂର୍ତ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଜିତେନ୍ଦ୍ର ନାଥ ମିଶ୍ର (ଚେୟାରମ୍ୟାନ୍) ପୂର୍ବତନ ରାଷ୍ଟ୍ରଦୂତ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଇଟାଲୀ, ଓଡ଼ିଶୀ ଏବଂ ଛଉ ନୃତ୍ୟଶିଳ୍ପୀ ଇଲିଆନା ସିତାରିଷ୍ଟି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହି ସନ୍ଧ୍ୟାରେ ଅନୁଷ୍ଠାନର ସିଏଚ୍ ଅଜୟ ପ୍ରଥମେ କୁଚିପୁଡ଼ି ନୃତ୍ୟ ପରିବେଷଣ କରିଥିଲେ। ପରେ ସୂର୍ଯ୍ୟମଣି ରମେଶ ଦାସ ଓ ଡ. ସାରଦା ପ୍ରସନ୍ନ ଦାସ ଯୁଗଳବନ୍ଦୀ ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ। ପ୍ରତିବର୍ଷ କଳା ଓ ସଂସ୍କୃତିରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଏ। ୨୦୦୮ ରୁ ନାଟ୍ୟଶାସ୍ତ୍ରୀ ଭରତ ମୁନିଙ୍କ ସ୍ମରଣାର୍ଥେ ଏହି ସମ୍ମାନ ଉତ୍ସର୍ଗୀକୃତ।

ଜଗନ୍ନାଥ ଟ୍ରକ୍ ମାଲିକ ସଂଘ
ଲକପଡା, ଅଠରବାଙ୍କି, ପାରାଦୀପ

ଦୈନିକ 'ସକାଳ' ଖବରକାଗଜର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭକାମନା

ରାକେଶ କୁମାର ଜେନା, ସଭାପତି
ବିଜୟ କୁମାର ପରିଡା, କାର୍ଯ୍ୟକାରୀ ସଭାପତି
ସରୋଜ ମହାପାତ୍ର, ଉପସଭାପତି
ବିଶ୍ୱ ରଞ୍ଜନ ପଲାଇ, ସମ୍ପାଦକ
ସୁଧୀର କୁମାର ଜେନା, ସହ-ସମ୍ପାଦକ
ମାନସ ପାତ୍ର, କୋଷାଧ୍ୟକ୍ଷ



# ଭୁବନେଶ୍ୱର ସିଟି

# ଜରାଜୀର୍ଣ୍ଣ ଅବସ୍ଥାରେ ଜିଜିପି କଲୋନୀ ପାର୍କ

ଭୁବନେଶ୍ୱର,୧୮।୧୨(ସମିସ): ପାର୍କ ପରିସରରେ ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା। ଅନାବନା ଘାସରେ ଭର୍ତ୍ତି ହୋଇଛି ପାର୍କ ପରିସର। ଭାଙ୍ଗି ପଡ଼ିଛି ଖେଳ ଉପକରଣ। ଏହାସହିତ ପାର୍କରେ ପିଇବା ପାଣିର ସୁବିଧା ନାହିଁ। ପାର୍କରେ ଅତ୍ୟାଧୁନିକ ବ୍ୟାୟାମ ସାମଗ୍ରୀ ରହିଥିଲେ ମଧ୍ୟ ଏସବୁ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ଏଭଳି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ରାଜଧାନୀର ରସୁଲଗଡ଼ ସ୍ଥିତ ୱାର୍ଡ ନମ୍ବର-୧୮ ଅଧୀନରେ ରହିଥିବା ଜିଜିପି କଲୋନୀ ପାର୍କ।

ସ୍ଥାନୀୟ ଲୋକଙ୍କ ଅବସରବିନୋଦନ ଓ ପିଲାମାନଙ୍କ ଖେଳିବା ନିମନ୍ତେ ୨୦୧୩ ମସିହାରେ ଏହି

**ଭାଙ୍ଗି ପଡ଼ିଛି ଖେଳ ସାମଗ୍ରୀ ଓ ବ୍ୟାୟାମ ଉପକରଣ**

**ନାହିଁ ପିଇବା ପାଣି ଓ ଶୌଚାଳୟ ସୁବିଧା**

ପାର୍କ ନିର୍ମାଣ କରାଯାଇଥିଲା। ୭ଲକ୍ଷ ୮୯ ହଜାର ୯୧୫ ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ପୁନର୍ବାର ୨୦୧୬ ମସିହା ସ୍ୱାୟତ୍ତଶାସନ ଦିବସ ଅବସରରେ ଅମୃତ ଯୋଜନା ମାଧ୍ୟମରେ ପାର୍କର ଉନ୍ନତିକରଣ ନିମନ୍ତେ ୨୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଫଳକରେ ଉଲ୍ଲେଖ ରହିଛି। ହେଲେ ପାର୍କରେ କୌଣସି ଉନ୍ନତିକରଣର ଚିହ୍ନ ଦେଖିବାକୁ ମିଳୁ ନ ଥିବା ଅଭିଯୋଗ ହୋଇଛି। ପାର୍କର ପାଚେରିରୁ ରଙ୍ଗ ଧୋଇ ଯାଇଥିବାବେଳେ ଗେଟ୍ ଦିନରାତି ମୁକୁଳା ରହୁଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶ ଉପରେ









କଟକଣା ନାହିଁ। ସଞ୍ଜ ହେଲେ ଏଠାରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ସହ ନିଶାଡ଼ିଙ୍କ ଆଡ୍ଡା ଜମୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ଏହାର ପ୍ରଭାବ ସ୍ଥାନୀୟ ଲୋକଙ୍କ ଉପରେ ପଡୁଥିବା କହିଛନ୍ତି। ସେହିପରି ପାର୍କ ଭିତରେ କେଉଁଠି ସିମେଣ୍ଟ ଚେୟାର ଭାଙ୍ଗି ପଡ଼ିଛି ତ କେଉଁଠି ପିଲାମାନଙ୍କ ଖେଳଣା ସାମଗ୍ରୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ଫଳରେ ଏଠାକୁ ଆସୁଥିବା ଛୋଟ ଛୋଟ ପିଲାମାନେ ଏହି ଉପକରଣଗୁଡ଼ିକ ବ୍ୟବହାର କରିବାରୁ ବଞ୍ଚିତ ହେଉଛନ୍ତି। କେବଳ ସେତିକି ନୁହେଁ, ପାର୍କରେ ପାଣି ଟାଙ୍କି ରହିଥିଲେ ବି ସେଥିରୁ ପାଣି ଆସୁ ନ ଥିବା ଦେଖିବାକୁ ମିଳିଛି। ଜରୁରୀ ସମୟରେ ଯଦି ପିଇବା ପାଣି ଆବଶ୍ୟକ ହେବ, ତାହା ମିଳିବା କଷ୍ଟକର। ସେହିପରି ଶୌଚାଳୟ କଥା ନ କହିବା ଭଲ। କାରଣ ପାର୍କରେ ଶୌଚାଳୟ ନ ଥିବା କିଛି ଲୋକ କହିଥିବାବେଳେ ପାର୍କ ପରିସରରେ ଥିବା ଏକ ଛୋଟ ଘରେ ସର୍ବଦା ତାଲା ଝୁଲୁଥିବାରୁ ତାହା ଶୌଚାଳୟ କି ନୁହେଁ ସ୍ଥାନୀୟ ଲୋକେ ଜାଣି ନ ଥିବା କହିଛନ୍ତି। ତେଣୁ ସନ୍ଧ୍ୟା ସମୟରେ ମହିଳାମାନେ ପାର୍କକୁ ଆସିବାକୁ ମନ ବଳାଉ ନ ଥିବା କହିଛନ୍ତି। ସବୁଠୁ ବଡ଼ କଥା ହେଉଛି କେତେକ ବ୍ୟାୟାମ ଉପକରଣ ଚାରିପାଖରେ ଅଳିଆ ଗଦା ହୋଇଥିବା ସହ କାଚ ବୋତଲ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ ଭୟରେ ଏସବୁକୁ କେହି ବ୍ୟବହାର କରୁ ନ ଥିବା ଜଣାପଡ଼ିଛି। ସକାଳେ, ସନ୍ଧ୍ୟାରେ ଭ୍ରମଣ ହେଉ ଅବା ଖରାଦିନରେ ଟିକେ ସମୟ ଅତିବାହିତ କରିବାକୁ ଚାହୁଁଥିବା ଲୋକେ ପାର୍କର ବ୍ୟବହାର କରିପାରୁ ନାହାନ୍ତି। ଏନେଇ ବାରମ୍ବାର ଅଭିଯୋଗ କରାଯିବା ପରେ ବି କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ୱାର୍ଡର କର୍ପୋରେଟର ବିପ୍ଳବ ବେହେରା କହିଛନ୍ତି ଯେ ମୋର କାର୍ଯ୍ୟକାଳ ଆରମ୍ଭ ହେବା ଦିନରୁ ମୁଁ ୱାର୍ଡର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଛି। ପାର୍କର ଉନ୍ନତିକରଣ ନିମନ୍ତେ ମଧ୍ୟ ଯୋଜନା ରହିଛି। ପାର୍କର ଉନ୍ନତିକରଣ ନିମନ୍ତେ ଖୁବ୍‌ଶୀଘ୍ର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବ। ପୂର୍ବଭଳି ଲୋକମାନେ ଏହି ପାର୍କର ବ୍ୟବହାର କରିପାରିବେ।

# ସରକାରୀ ଚାକିରି ଆଳରେ ଠକେଇ

**ବନ୍ଧାହେଲା ଯୁବକ, ମୁଖ୍ୟ ଅଭିଯୁକ୍ତ ଫେରାର**

କଟକ, ୧୮।୧୨(ସମିସ): ନିଜକୁ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ଆଇଏଏସ୍ ଅଧିକାରୀ ପରିଚୟ ଦେଇ ଜଣେ ମହିଳା ସରକାରୀ ଚାକିରି ଆଶାୟୀଙ୍କ ଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ରେଳବାଇ, ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ, ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ହେଉଥିବା ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ଚାକିରି କରାଇ ଦେବାକୁ କହି ସେ ପାଠୁଆ ଯୁବପିଢ଼ିଙ୍କୁ ଭୁଆଁ ବୁଲାଇଛନ୍ତି। ବିଡ଼ାନାସୀ ଥାନା ପୁଲିସ ଏହି ଘଟଣାରେ ଡାନିଏଲ ରାଜ ନାମକ ଜଣେ ଯୁବକକୁ ଗିରଫ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ମହିଳା ଜଣକ ଫେରାର ହୋଇ ଯାଇଛନ୍ତି। ଘଟଣାରେ ଏକ ଗ୍ୟାଙ୍ଗ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ପୂର୍ବରୁ ଏଭଳି କେଲେଙ୍କାରୀ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚରେ ମଧ୍ୟ ଅଭିଯୋଗ ହୋଇଥିଲା।

ପୁଲିସର ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଉଣାର ସଞ୍ଜୀବ କୁମାର ରାଉତ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସେ ଭଦ୍ରକ ଜିଲ୍ଲାର ବିଭୂତି ଭୂଷଣ ବାରିକଙ୍କ ଯୋଗାଯୋଗରେ ଆସିବା ପରେ ବିଭୂତି ତାଙ୍କୁ ସରକାରୀ ଚାକିରିର ପ୍ରଲୋଭନ ଦେଖାଇ କଟକସ୍ଥିତ ବିଡ଼ାନାସୀ ଥାନା ସୁଭଦ୍ରାନଗର ଅଞ୍ଚଳର ସମର୍ପିତ ଚୌଧୁରୀ ଓ ଡାନିଏଲ୍ ରାଜଙ୍କ ସହିତ ଭେଟ କରାଇଥିଲେ। ବିଭୂତି ୨୦୨୨ ସେପ୍ଟେମ୍ବର ୬ରେ ଡାନିଏଲର ଆକାଉଣ୍ଟରେ ଟଙ୍କା ପଠାଇବାକୁ ସଞ୍ଜୀବଙ୍କୁ କହିଥିଲେ। ସଞ୍ଜୀବ ୨୭ଟି କିସ୍ତିରେ ମୋଟ ୮ ଲକ୍ଷ ୪୫ ହଜାର ଟଙ୍କା ଦେଇଥିଲେ। ପରେ ଡାନିଏଲଙ୍କ ସହଯୋଗୀ ଅରିନ୍ଦମ ଚକ୍ରବର୍ତ୍ତୀ, ରଜତ ବର୍ମା, ସଞ୍ଜୟ ସିଂଙ୍କ ଆକାଉଣ୍ଟରେ ୨ ଲକ୍ଷ ୭୪ ହଜାର ଟଙ୍କା ପଠାଇଥିଲେ। କିନ୍ତୁ ଦୀର୍ଘ ଦିନ ପରେ ବି ଚାକିରି ନ ମିଳିବାରୁ ସଞ୍ଜୀବ ଟଙ୍କା ମାଗିଥିଲେ। କିନ୍ତୁ ତାଙ୍କୁ ଧମକ ମିଳିଥିଲା। ଗତ ୧୭ ତାରିଖରେ ସମର୍ପିତ ଟଙ୍କା ଫେରାଇବେ କହି ସଞ୍ଜୀବଙ୍କୁ ତାଙ୍କ ବିଡ଼ାନାସୀ ଘରକୁ ଡାକିଥିଲେ। କିନ୍ତୁ ସଞ୍ଜୀବ ସେଠାରେ ପହଞ୍ଚିବା ପରେ ସେମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ ନେଇ ବିଡ଼ାନାସୀ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଡାନିଏଲକୁ ଗିରଫ କରିଥିବା ବେଳେ ଅନ୍ୟ ଠକମାନେ ଫେରାର ହୋଇଯାଇଛନ୍ତି।

**ଛତୁ ଉତ୍ପାଦନକାରୀ ମହାସଂଘର ୧୩ତମ ଅଧିବେଶନ**

# 'ପାଳଛତୁ ଉତ୍ପାଦନରେ ଓଡ଼ିଶା ପ୍ରଥମ'

ଭୁବନେଶ୍ୱର,୧୮।୧୨(ସମିସ): ବୁଧବାର ଭଞ୍ଜକଳା ମଣ୍ଡପଠାରେ ଓଡ଼ିଶା ଛତୁ ଉତ୍ପାଦନକାରୀ ମହାସଂଘର ୧୩ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନକୁ ଓୟୁଏଟିର କୁଳପତି ଡ. ପ୍ରଭାତ କୁମାର ରାଉଳ ଉଦ୍‌ଘାଟନ କରିଥିଲେ। ସଂଘର ରାଜ୍ୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବଳରାମ ସୁବୁଦ୍ଧି, ମୁଖ୍ୟବକ୍ତା ଭାବରେ ଓୟୁଏଟିର ସମ୍ପ୍ରସାରଣ ଅଧିକାରୀ ଡ. ପ୍ରସେନଜିତ୍ ମିଶ୍ର ଛତୁଚାଷ ପାଇଁ ଉନ୍ନତମାନର ବିକ୍ରି ବ୍ୟବସ୍ଥା ଓ ସଂରକ୍ଷଣର ମାନ ଉନ୍ନତ କରିବା ପାଇଁ ଛତୁ




ଉଦ୍ୟୋଗର ସହାୟତା ଆବଶ୍ୟକ ରହିଛି। ଗର୍ବର ବିଷୟ ଛତୁ ଉତ୍ପାଦନରେ ଓଡ଼ିଶା ପ୍ରଥମ ରାଜ୍ୟ ଏବଂ ପାଳଛତୁ ଉତ୍ପାଦନରେ ଏକମାତ୍ର ରାଜ୍ୟ ହୋଇଥିବାରୁ ବକ୍ତାମାନେ ଛତୁ ଉଦ୍ୟୋଗୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ଛତୁ ଚାଷୀଙ୍କର ବିଭିନ୍ନ ସମସ୍ୟା ବିଶେଷ କରି ଉନ୍ନତ ବିକ୍ରୟ ପାଇଁ ପାର୍ଲର ମାଧ୍ୟମରେ ବିକ୍ରୟ ବ୍ୟବସ୍ଥା, ଛତୁର ତାଲିମ ପାଇଁ ଅର୍ଦ୍ଧ କମ୍ପୋଷ୍ଟ ଶିକ୍ଷା ପାଇଁ ବ୍ୟକ୍ତିଙ୍କ ଗସ୍ତ, ଛତୁ ଚାଷକୁ କୃଷିର ମାନ୍ୟତା, ଛତୁ ମଞ୍ଜି ୟୁନିଟ୍‌କୁ ରିଆତି ଦରରେ ଗହମ ଯୋଗାଣ, ମହାସଂଘକୁ ସରକାରୀ ଯୋଜନାରେ ସାମିଲ କରିବା, ମହାସଂଘକୁ ଭୁବନେଶ୍ୱରରେ ଏକ ଜାଗା ପ୍ରଦାନ କରିବା ଆଦି ଦାବି ସଂଘର ସଭାପତି ଉପସ୍ଥାପନା କରିଥିଲେ। ବୈଷୟିକ ଅଧିବେଶନରେ ସମ୍ପ୍ରସାରଣ ଅଧ୍ୟକ୍ଷ ଡ. ପ୍ରସନଜିତ୍ ମିଶ୍ର, ଡ. ବିକ୍ରମ କେଶରୀ ପାଣି, ଡ. ନିହାର ରଞ୍ଜନ ସାହୁ, ଡ. ସୁମିତା ଆଚାର୍ଯ୍ୟ, ଡ. ବର୍ଣ୍ଣାଳୀ ମଜୁମ୍‌ଦାର ଏବଂ ଅନ୍ୟାନ୍ୟ କୃଷି ବୈଜ୍ଞାନିକମାନେ ଯୋଗଦେଇଥିଲେ। ସାଂଗଠନିକ ସଭାରେ ସନ୍ତୋଷ ମିଶ୍ର, ଅଜୟ ପୃଷ୍ଟି, ପ୍ରକାଶ ଦାସ, ତ୍ରିନାଥ ଗୁରୁ, ସଞ୍ଜୟ ସ୍ୱାଇଁ, ସସ୍ମିତା ପଲାଇ, ସାରଦା ରାୟ, ଗୋବିନ୍ଦ ରାଉତ, ଦେବଦତ୍ତ ସ୍ୱାଇଁ, ମୁମ୍‌ତାଜ ଅଲ୍ଲୀ, ରଞ୍ଜନ ବେହେରାଙ୍କ ସହିତ ଲକ୍ଷ୍ମଣ ବସ୍ତିଆ ଅଂଶ ଗ୍ରହଣ କରିଥିଲେ। ରାଜ୍ୟର ୧୮ଟି ଜିଲ୍ଲାର ୫୦୦ରୁ ଊର୍ଦ୍ଧ୍ୱ ଛତୁ ଉଦ୍ୟୋଗୀ ଯୋଗଦେଇଥିଲେ। ଶେଷରେ ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଅନ୍ତର୍ଜାତୀୟ ପାଠ୍ୟକ୍ରମର ଚାହିଦାକୁ ନେଇ କେମ୍ବ୍ରିଜ୍ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୧୮।୧୨(ସମିସ): ଭାରତରେ ବଢୁଥିବା ଅନ୍ତର୍ଜାତୀୟ ପାଠ୍ୟକ୍ରମର ଚାହିଦାକୁ ନେଇ କେମ୍ବ୍ରିଜ୍ ଇଣ୍ଟରନ୍ୟାସନାଲ ଏଜୁକେସନ ଗ୍ରୁପ୍ ପକ୍ଷରୁ ଓଡ଼ିଶାର ଶିକ୍ଷାବିତ୍ ଓ ଶିକ୍ଷା ଉଦ୍ୟୋଗୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଅନ୍ତର୍ଜାତୀୟ ପାଠ୍ୟକ୍ରମରେ ଉତ୍ତମ ଶିକ୍ଷାଦାନ କରିବାକୁ ପ୍ରଶିକ୍ଷଣ ଦେବା ସହ ବିସ୍ତୃତ ଆଲୋଚନା ହୋଇଛି। କେମ୍ବ୍ରିଜ୍‌ର ଇଣ୍ଟରନ୍ୟାସନାଲ ଏଜୁକେସନ ଗ୍ରୁପ୍‌ର ସାଉଥ୍ ଏସିଆ ବରିଷ୍ଠ ଉପାଧ୍ୟକ୍ଷ ବିନୟ ଶର୍ମା କହିଛନ୍ତି, ନିଜ ପିଲାଙ୍କୁ ବୈଶ୍ୱିକ ମାନର ଶିକ୍ଷା ପ୍ରଦାନ କରିବାକୁ ଅଭିଭାବକ ଆଗ୍ରହ ପ୍ରକାଶ କରୁଛନ୍ତି। ଦେଶରେ ତାହା ପ୍ରଦାନ କରାଯାଇପାରିଲେ ଖର୍ଚ୍ଚ କମିବା ସହ ଉନ୍ନତ ଶିକ୍ଷା ପାଇପାରିବେ। ବିଶ୍ୱର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଦକ୍ଷତା ହାସଲ କରିବେ। ଅପରପକ୍ଷେ ଶିକ୍ଷାର୍ଥୀଙ୍କ ଗୁଣ ଓ ଆଚରଣରେ ବିକାଶ ଆଣି ସେମାନଙ୍କୁ ସଫଳ କରିବାକୁ ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ମଦର୍ସ ପବ୍ଲିକ୍ ସ୍କୁଲ୍ ପ୍ରତିଷ୍ଠାତା ପଲି ପଟ୍ଟନାୟକ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରିନ୍ସପାଲ ସଞ୍ଜୟ ସୁଆର ପ୍ରମୁଖ କେମ୍ବ୍ରିଜ୍ ସହଯୋଗରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ବୃଦ୍ଧି କରାଯାଉଥିବା କହିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ପ୍ରାଥମିକତା ଦିଆଯାଉଥିବା କହିଛନ୍ତି।

# 'ସୁପର ଚିଫ୍ ମିନିଷ୍ଟର' ଆଲୋଚନାଚକ୍ର



ଭୁବନେଶ୍ୱର,୧୮।୧୨(ସମିସ): ଏକ ସୁସ୍ଥ ସମାଜର ପରିକଳ୍ପନାକୁ ନେଇ ସତ୍ୟ ଜେନାଙ୍କ ରଚିତ ଏକ ଡକ୍ୟୁମେଣ୍ଟାରୀ କାହାଣୀ ସୁପର ଚିଫ୍ ମିନିଷ୍ଟର ଉପରେ ଏକ ଆଲୋଚନାଚକ୍ର ବୁଲନ୍ ଭାଇ ସେବା ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି କାହାଣୀଟି କୌଣସି ରାଜନୈତିକ ଆଲୋଚନା ନୁହେଁ କି କେଉଁ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା ମଧ୍ୟ ନୁହେଁ। ଜଣେ ସାଧାରଣ ଭାବେ ରାଜ୍ୟର ମୁଖ୍ୟମନ୍ତ୍ରୀ କିପରି ହେବା ଉଚିତ୍ ଏହି କାହାଣୀରେ ତଥ୍ୟ ଆଧାରରେ ଦର୍ଶାଯାଇଛି। ଯାହା ଏକ ରାଜ୍ୟର ଓ ଜନସାଧାରଣଙ୍କ ସ୍ୱାର୍ଥ ଉପଯୋଗୀ। ଏହି କାହାଣୀକୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ଓଡ଼ିଶାର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷମାନେ ଯୋଗଦେଇ ଏ କାହାଣୀ ଉପରେ ଆଲୋଚନା କରି ଗୁରୁତ୍ୱାରୋପ କରିଥିଲେ। ସମାଜସେବୀ ମହାସଂଘର ସଭାପତି ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥିଭାବେ ଆଧ୍ୟାତ୍ମିକ ଗୁରୁ ବିଜୟନନ୍ଦଜୀ ମହାରାଜ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର, ପୂର୍ବତନ ବିଧାୟକ ସୁର ରାଉତରାୟ, ଡୁଡୁନୁ ଫାଉଣ୍ଡେସନ୍ ଅଧ୍ୟକ୍ଷା ଡ. ବନ୍ଦନା ହରିଚନ୍ଦନ, ଆମ ପରିବାର ସଭାପତି ଦିଲ୍ଲୀପ ଷଣ୍ଢ, ସମାଜସେବୀ ବିଦ୍ୟୁତା ଉପାଧ୍ୟାୟ, କଳିଙ୍ଗ ସେନା ମୁଖ୍ୟ ହେମନ୍ତ ରଥ, ନିର୍ଦ୍ଦେଶକ ଚନ୍ଦ୍ରଭାନୁ କର, ଅଭିନେତା ମିଟୁ ମିଥୁନ, ସାମ୍ବାଦିକ ହେମନ୍ତ ସିଂ, ଶଙ୍କର୍ଷଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ବର୍ଗର ପ୍ରତିଭାମାନଙ୍କୁ ମାନପତ୍ର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲ୍ଲାପାଳଙ୍କ ଦସ୍ତଖତରେ ଜାଲିଆତି

**■ ରେଭେନ୍ସା ପ୍ରାଧ୍ୟାପିକାଙ୍କ ନାମରେ ଏତଲା**

କଟକ, ୧୮।୧୨(ସମିସ): ଜିଲ୍ଲାପାଳଙ୍କ ଦସ୍ତଖତକୁ ନକଲି କରି ଫସିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ବିଜୟଲକ୍ଷ୍ମୀ ଦାଶ। ଖୋଦ୍ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହବ ଶିନ୍ଦେ ଏନେଇ ଲାଲବାଗ ଥାନାରେ ଏତଲା ଦେଇଛନ୍ତି। ୨୦୧୯ରେ ରାଜସ୍ଥାନ ଯିବା ନିମନ୍ତେ ପ୍ରଫେସର ଦାଶ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯେଉଁ ଆବେଦନ କରିଥିଲେ, ସେଥିରେ ଜିଲ୍ଲାପାଳଙ୍କ ଦସ୍ତଖତକୁ ଜାଲିଆତି କରିଥିଲେ। ଶ୍ରୀମତୀ ଦାଶ ୨୦୧୯ ମସିହାରେ ରାଜସ୍ଥାନର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରିଫ୍ରେସର କୋର୍ସରେ ଯୋଗ ଦେବା ପାଇଁ ରେଜିଷ୍ଟ୍ରାରଙ୍କୁ ଦରଖାସ୍ତ ଦେଇଥିଲେ। ସେତେବେଳେ ସାଧାରଣ ନିର୍ବାଚନ ଚାଲିଥିବାରୁ ରେଜିଷ୍ଟ୍ରାର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନୋ ଅବଜେକ୍ସନ ଲେଟର ମାଗିଥିଲେ। ମନା କରିବାରୁ ବିଜୟଲକ୍ଷ୍ମୀ ଦାଶ ନିଜେ ଜିଲ୍ଲାପାଳଙ୍କ ଦସ୍ତଖତକୁ ଜାଲିଆତି ରେଜିଷ୍ଟ୍ରାରଙ୍କୁ ପ୍ରଦାନ କରିଥିଲେ। ଏ ବିଷୟରେ ଅନ୍ୟ ଅଧ୍ୟାପକମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ପରେ ଜଣା ପଡ଼ିଥିଲା ଯେ ବିଜୟଲକ୍ଷ୍ମୀ ଦାଶ ରେଜିଷ୍ଟ୍ରାରଙ୍କ ପାଖରେ ଦାଖଲ କରିଥିବା ଚିଠିଟି ଜିଲ୍ଲାପାଳଙ୍କ ଦସ୍ତଖତକୁ ଜାଲିଆତି କରି ଦାଖଲ କରିଛନ୍ତି।

# ତାରା ପ୍ରସାଦ ଧଳଙ୍କୁ 'ହେଲ୍‌ଥକେୟାର ଆର୍କିଟେକ୍ଟ ଅଫ୍ ଦି ଇୟର' ପୁରସ୍କାର

ଭୁବନେଶ୍ୱର,୧୮।୧୨(ସମିସ): ଓଡ଼ିଶାର ପାଣିକୋଇଲିସ୍ଥିତ ଟ୍ରମା କେୟାରର ଡିଜାଇନ୍ ଏବଂ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ଚିକିତ୍ସା କେନ୍ଦ୍ରର ଅସାଧାରଣ ଡିଜାଇନ୍ ପାଇଁ ଓଡ଼ିଶାର ସ୍ଥପତି ତାରା ପ୍ରସାଦ ଧଳଙ୍କୁ 'ହେଲ୍‌ଥକେୟାର ଆର୍କିଟେକ୍ଟ ଅଫ୍ ଦି ଇୟର- ୨୦୨୪'



ପୁରସ୍କାର ପ୍ରଦାନ କରାଯାଇଛି। ସାଉଥ୍ ଏସିଆ ପ୍ୟାସିଫିକ୍ ହେଲ୍‌ଥକେୟାର ସମିଟ୍ ଆଣ୍ଡ ବିଜିନେସ୍ ଆୱାର୍ଡ-୨୦୨୪ ଅବସରରେ 'ବ୍ରାଣ୍ଡସନାହନ୍‌ସିଲ୍ ରେଟିଂସ୍'ର ସମ୍ମାନିତ ଜୁରି ସଦସ୍ୟମାନେ ଶ୍ରୀ ଧଳଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ର ପ୍ରତି ତାଙ୍କ ଉଲ୍ଲେଖନୀୟ ଅବଦାନ ଗତ ୧୨ ତାରିଖ ନୂଆଦିଲ୍ଲୀସ୍ଥିତ ଭାରତ ଅନ୍ତର୍ଜାତୀୟ କେନ୍ଦ୍ରଠାରେ ତାରା ପ୍ରସାଦ ଧଳଙ୍କୁ ପୁରସ୍କୃତ କରାଯାଇଛି। ଯାଜପୁର ପାଣିକୋଇଲିଠାରେ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଟ୍ରମା କେୟାରର ଅଭିନବ ଡିଜାଇନ୍ ଓ ଇଞ୍ଜିନିୟରିଂ ଉତ୍କର୍ଷତାର ପ୍ରମାଣ। ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଅତ୍ୟାଧୁନିକ ହସ୍ପିଟାଲ ବ୍ଲକ୍ କାର୍ଯ୍ୟକ୍ଷମ ହୋଇଥିଲା। ରାଜ୍ୟର ଦ୍ୱିତୀୟ ସରକାରୀ ନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏଭଳି ଜାତୀୟ ମାନ୍ୟତା ପ୍ରଦାନ କରାଯାଇଛି।

# ଏକାମ୍ର ହାସ୍ୟ ବ୍ୟଙ୍ଗ ସମାରୋହ



ଭୁବନେଶ୍ୱର,୧୮।୧୨(ସମିସ): ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ନ୍ୟାସନାଲ ହ୍ୟୁମାନ ୱେଲ୍‌ଫେୟାର ବୋର୍ଡ ଟ୍ରଷ୍ଟ ତରଫରୁ ସତ୍ୟନାରାୟଣ ବହିଦାର ମଞ୍ଚରେ "ଏକାମ୍ର ହାସ୍ୟ ବ୍ୟଙ୍ଗ ସମାରୋହ' ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ଟ୍ରଷ୍ଟର ଅଧ୍ୟକ୍ଷ ଶାରଦା ପ୍ରସାଦ ମହାପାତ୍ର ଏବଂ ଉପସ୍ଥିତ ବିଶିଷ୍ଟ କବିମାନେ ବୃକ୍ଷରେ ଜଳଦାନ କରି ସମାରୋହକୁ ପ୍ରାରମ୍ଭ କରିଥିଲେ। ବିଶିଷ୍ଟ ନାରୀ ବ୍ୟଙ୍ଗ କବି ରୋଜି ମିଶ୍ରଙ୍କ କବିତା ଆବାହନରୁ ହାସ୍ୟବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟାୟ କ୍ରମେ ବ୍ୟଙ୍ଗ କବି ଅନନ୍ତ ଜେନା, ଡ. କୁଳାଙ୍ଗାର, ସତ୍ୟାନାଶ, ଡ. ଗିରିଶ ରଞ୍ଜନ କବିତାପାଠ କରିଥିଲେ। ଶେଷ ପର୍ଯ୍ୟାୟରେ ଉପସ୍ଥିତ କବିମାନଙ୍କୁ ସଂସ୍ଥା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ ଭାବରେ ଶତାଧିକ ସିନେମାର ସଂଳାପ ଲେଖକ ଡ. ରଜନୀ ରଞ୍ଜନଙ୍କ ସମେତ ଓଡ଼ିଶା ରକ୍ତଦାତା ମହାସଂଘର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଯୁବ ବ୍ୟଙ୍ଗ କବି ସୋନୁ ମହାନ୍ତି ଧନ୍ୟବାଦ ଦେଇଥିଲେ। ନିଫାମ୍‌ସର ସଞ୍ଚାଳକ ପ୍ରେମ କୁମାର ଝା ଏବଂ ଯାତ୍ରା ଦରବାରର ସମ୍ପାଦକ ନବ କିଶୋର ମାଣିକ ଏବଂ ଅଧିକାର ଫାଉଣ୍ଡେସନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଏମ୍‌ସି ଉଚ୍ଛେଦକାରୀ ଦଳକୁ ଉଠାଦୋକାନୀଙ୍କ ବିରୋଧ

ଭୁବନେଶ୍ୱର,୧୮।୧୨(ସମିସ): ଓଡ଼ିଶାରେ ହେବାକୁ ଥିବା ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ରାଜଧାନୀ ଭୁବନେଶ୍ୱରରେ ପାଖାପାଖି ୬୦ ଅଞ୍ଚଳରୁ ୮ହଜାରରୁ ଅଧିକ ଉଠାଦୋକାନୀ ବଳି ପଡ଼ିବାକୁ ଯାଉଛନ୍ତି। ଯାହା ଫଳରେ ବିଏମ୍‌ସି, ବିଡିଏର ମିଳିତ ସ୍କ୍ୱାଡ୍‌ମାନେ ବୁଧବାର ୭ଟି ଅଞ୍ଚଳରେ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ଯାଇଥିବାବେଳେ, ସବୁ ଜାଗାରେ ଉଚ୍ଛେଦକାରୀ ଦଳକୁ ତୀବ୍ର ବିରୋଧ କରାଯାଇଥିଲା।

ସୂଚନାଥାଉ କି, ମଙ୍ଗଳବାର ଭୁବନେଶ୍ୱରର ଦୁଇ ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ଭେଟି ଉଠାଦୋକାନୀମାନଙ୍କୁ ଉଚ୍ଛେଦ ନ କରିବା ପାଇଁ ଆଲୋଚନା କରିଥିଲେ। ଶ୍ରୀ ପାଟିଲ୍ ବିଧାୟକମାନଙ୍କୁ ସମ୍ମାନ ଜଣାଇ ଉଠାଦୋକାନୀ ଉଚ୍ଛେଦ କରାଯିବ ନାହିଁ ଓ ସେମାନଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



କିନ୍ତୁ ବିଏମ୍‌ସିର ୩ ଜୋନ୍‌ର ଯୁଗ୍ମ ଉପସଚିବମାନେ କମିସନରଙ୍କ କଥାକୁ ଭ୍ରୁକ୍ଷେପ ନ କରି ବୁଧବାର ମଧ୍ୟ ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ଆସିଥିବାବେଳେ ସେଠାରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ପହଞ୍ଚି ଉଚ୍ଛେଦକାରୀ ଦଳଙ୍କ ସହ ଆଲୋଚନା କରିଥିଲେ ଏବଂ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ମହାସଂଘ ଉପସଭାପତି ସୂର୍ଯ୍ୟମଣି ସାହୁ ପହଞ୍ଚିବା ପରେ ଉଚ୍ଛେଦକାରୀ ଦଳ ସେଠାରୁ ଫେରି ଯାଇଥିଲେ। ସେହିପରି ଉତ୍ତର ଜୋନ୍‌ର ଯୁଗ୍ମ ଉପସଚିବ ବାଣୀବିହାର, ଡମଣାରୁ କିଟ୍ ଛକ ପର୍ଯ୍ୟନ୍ତ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଯାଇଥିବାବେଳେ ସେଠାରେ ମଧ୍ୟ ହଜାର ହଜାର ଦୋକାନୀ ତୀବ୍ର ବିରୋଧ କରିଥିଲେ। ଉତ୍ତର ବିଧାୟକ ସୁଶାନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ଦୋକାନୀମାନଙ୍କ ସହ ଆଲୋଚନା କରିଥିଲେ। ଅପରପକ୍ଷରେ କୋଇଲି କ୍ୟାମ୍ପସ୍ ଛକଠାରେ ମହାସଂଘର କୋଷାଧ୍ୟକ୍ଷ ପ୍ରଦୀପ ସାହୁ, ଲଲାଟ କୁମାର ଓଝା, ଶୁଭଲକ୍ଷ୍ମୀ ମହାନ୍ତି, ବିଜୟ ସେନାପତି, ମଙ୍ଗୁଳି ସାହୁ, ସୁମନ ପୃଷ୍ଟିଙ୍କ ନେତୃତ୍ୱରେ ବିଏମ୍‌ସିର ଉଚ୍ଛେଦକାରୀ ଦଳଙ୍କୁ ତୀବ୍ର ବିରୋଧ କରିବା ସହ ଉଠାଦୋକାନୀକୁ ସମ୍ମାନ ଦେବା ପାଇଁ ଦାବି କରିଥିଲେ। କିନ୍ତୁ ବଡ଼ ଦୁଃଖର ବିଷୟ ୩ ଜୋନ୍‌ର ଜେଡିସିମାନେ କାହିଁକି ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଏତେ ତତ୍ପର ହୋଇ ଉଠୁଛନ୍ତି ତାହା ଜଣାପଡୁନାହିଁ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅଭିଯୋଗ କରିଛନ୍ତି।



# ସ୍ମୃତି ତୁମେ ପାଉଁଶ ତଳର ନିଆଁ...



ଭୁବନେଶ୍ୱର,୧୮।୧୨(ସମିସ): ଅତୀତରେ ଓଡ଼ିଆ ସଙ୍ଗୀତ ଜଗତରେ ଅନେକ ଚିରସବୁଜ ଗୀତ ସୃଷ୍ଟି ହୋଇଛି। ସେହି ଗୀତଗୁଡ଼ିକୁ ଯେତେ ଶୁଣିଲେ ବି ଆହୁରି ଶୁଣିବାକୁ ଇଚ୍ଛା ହୁଏ। ଓଡ଼ିଆ ସଙ୍ଗୀତର ସେହି ସୁବର୍ଣ୍ଣ ଯୁଗକୁ ମନେ ପକେଇ "ସମାଜ ଓ ସଂସ୍କୃତି' ଓ "ଟିମ୍' ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ସଙ୍ଗୀତ ଆସର "ଚିର ସବୁଜ ଗୀତ' ଅନୁଷ୍ଠିତ ହୋଇଯାଇଛି। ଲୋକପ୍ରିୟ କଣ୍ଠଶିଳ୍ପୀ ବିଭୁକିଶୋର, ଦେବାଶିଷ ମହାପାତ୍ର, ଶୈଳଭାମା ମହାପାତ୍ର, ଛନ୍ଦା ମିଶ୍ର, ଗିରିଜା ଦାଶ ଏବଂ ତରୁଣ କଣ୍ଠଶିଳ୍ପୀ ସିଦ୍ଧାନ୍ତ ଓ ତନୁଶ୍ରୀ ଏହି ଗୀତଗୁଡ଼ିକ ପରିବେଷଣ କରିଥିଲେ। ଏହି ସଙ୍ଗୀତ ପରିବେଷଣ ମଧ୍ୟରେ ସପନର ପଥେ ପଥେ, ସ୍ୱର୍ଗାଦପୀ ଗରିୟସୀ, ସ୍ମୃତି ତୁମେ ପାଉଁଶ ତଳର ନିଆଁ, ବୋଉଲୋ କି କହିବି, ସହରରେ ଲାଗିଯିବ ନିଆଁ, କିଏ ସେ ପ୍ରିୟା, ଆସ ଜୀବନ ଧନ ଇତ୍ୟାଦି ସଙ୍ଗୀତ ରହିଥିଲା। କଣ୍ଠଶିଳ୍ପୀମାନଙ୍କ କଣ୍ଠର ଯାଦୁରେ ଶ୍ରୋତାମାନଙ୍କ ମନରେ ପୁରୁଣା ଦିନର ସ୍ମୃତି ଜାଗ୍ରତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। ବିଧାୟକ ଡ. ଅରୁଣ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ସରୋଜ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିଶିକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ଗିରିଜା ଶଙ୍କର ଦାଶ ଓ କାର୍ଯ୍ୟକାରୀ ସଭାପତି ଚୌଧୁରୀ ଅମିତାଭ ଦାସ ଉପସ୍ଥିତ ଥିଲେ।

# ଉତ୍କଳମଣି ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ନନ୍ଦନକାନନ, ୧୮।୧୨(ସମିସ): ଭୁବନେଶ୍ୱର ବ୍ଲକ୍ ଉତ୍ତର ଭୁବନେଶ୍ୱର ଅନ୍ତର୍ଗତ କେନ୍ଦୁପାଟଣା ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୬ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେନ୍ଦୁପାଟଣା ଯାତ୍ରା ଖେଳ ପଡ଼ିଆରେ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ହୋଇଥିବା ଏହି କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମଣି ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଦାଢ଼ା ପଞ୍ଚାୟତ ନାଏବ ସରପଞ୍ଚ ରଞ୍ଜିତ୍ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ଦାସ, ମରିଚିଆ ସରକାରୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାନସ ବାଘସିଂ, ଝିଙ୍କରଡିହ ସରକାରୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ ସୁବୁଦ୍ଧି, ପବିତ୍ର ଦାସ, ମାୟାଧର ନାୟକ ପ୍ରମୁଖ ଯୋଗଦେଇ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ତିନିଟି (ସବ୍ ଜୁନିୟର, ଜୁନିୟର ଓ ସିନିୟର) ବିଭାଗରେ ଛାତ୍ରଛାତ୍ରୀ ୧୦୦ମିଟର ଗଣିତ ଦୌଡ଼, ଡିସ୍କସ୍ ଥ୍ରୋ, ସଟ୍‌ପୁଟ୍ ଥ୍ରୋ, ଦୌଡ଼ି ଡିଆଁ, ମ୍ୟୁଜିକ୍ ଚେୟାର ଆଦି ଖେଳରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଆସନ୍ତା ଜାନୁଆରୀରେ ଏହି କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ବରିଷ୍ଠ ଶିକ୍ଷକ ସଂଗ୍ରାମ କେଶରୀ ପଟ୍ଟନାୟକ କହିଛନ୍ତି। ଏହି କ୍ରୀଡ଼ାକୁ ଶିକ୍ଷକ ଧିରେନ୍ ସାହୁ, ଶିକ୍ଷୟିତ୍ରୀ ସୀମାରାଣି ବେହେରା ଓ କମିଟିର ସଭ୍ୟସଭ୍ୟା ମିଳିତଭାବେ ପରିଚାଳନା କରିଥିଲେ।

# ଶବର କପ୍ ଫୁଟ୍‌ବଲ୍: ସେମିରେ ପପୁଲାର କ୍ଲବ୍

ଯାଁଳା,୧୮।୧୨(ସମିସ): ରାଧାଚରଣପୁର ଖେଳପଡ଼ିଆରେ ଶବର କ୍ରୀଡ଼ା ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ୨୬ତମ ଶବର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚ୍‌ରେ ପପୁଲାର କ୍ଲବ୍ ଢେଙ୍କାନାଳ, ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଶବର କ୍ରୀଡ଼ା ସଂଘକୁ ୧-୦ ଗୋଲ୍‌ରେ ପରାସ୍ତ କରି ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ଢେଙ୍କାନାଳ ଦଳର ୧୨ ନମ୍ବର ଖେଳାଳି ବିପିନ ନାୟକ ଶବର କ୍ରୀଡ଼ା ସଂଘକୁ ଗୋଟିଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ପରିଚାଳନା କରୁଥିଲେ ରାଜୁ ମହାନ୍ତି, ବିଦେଶୀ ନାଏକ, ଗିରିଶ ଜାନି ଓ ଆନନ୍ଦ ନାଏକ। ଗୁରୁବାର କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ଓ ଏକେ କ୍ଲବ୍ ଅନୁଗୋଳ ପରସ୍ପରକୁ ଭେଟିବେ।

# ମନମୋହୁଛି ରାସ୍ତାକଡ଼ର ନର୍ସରୀ ଫୁଲ

## ବାସ୍ନାରେ ବିଭୋର ହେଉଛନ୍ତି ଲୋକେ

ଭୁବନେଶ୍ୱର,୧୮।୧୨(ସମିସ):

'ଫୁଲ ରାଣୀ ତୁମେ ଫୁଲ ରାଇଜରେ ଫୁଲ ଭେଟି ଆଜି ଦେଲି, ମହକି ଉଠୁଛ ଶୀତୁଆ ସକାଳେ ତମ ମହକରେ ମୁଁ ବିଭୋର ହେଲି' ଏମିତି କବିତା ଅନେକ କବି ତାଙ୍କ କଲମ ମୁନରେ ଫୁଲକୁ ଦେଖି ଦେଖି ଲେଖିଦିଅନ୍ତି। ରାଜଧାନୀର ଅନେକ ଲୋକ ମଧ୍ୟ ରାସ୍ତା କଡ଼ରେ ଥିବା ନର୍ସରୀ ଫୁଲର ବାସ୍ନାରେ ବିଭୋର ହୋଇ ଫୁଲ ଗଛକୁ କିଣୁଛନ୍ତି। ରଙ୍ଗୀନ ଫୁଲ ସାଙ୍ଗକୁ ସଜେଇ ହୋଇ ରହିଛି ଜାତିଜାତିକା ଫୁଲ। ରାସ୍ତାକଡ଼ ନର୍ସରୀ ଫୁଲକୁ ଦେଖି ଲୋକଙ୍କ ଗାଡ଼ି ଅଟକି ଯାଉଛି। ସେବତୀ, ଡାଲିଆ, ଜିନିଆ, ପେଟୋନିଆ, ଗେଣ୍ଡୁ ସାଙ୍ଗକୁ ବିଭିନ୍ନ ପ୍ରକାରର ଫୁଲ ଗଛ ଚାରା କିଣିବାକୁ ଯାତ୍ରୀ କିଛି କ୍ଷଣ ରହିଯାଆନ୍ତି। ବିଶେଷ କରି ପାତ୍ରପଡ଼ା, ଖଣ୍ଡଗିରି, ୟୁନିଟ୍ ୧ ମାର୍କେଟ୍‌ରେ ଥିବା ଫୁଲ ନର୍ସରୀରେ ଫୁଲ ଚାରା କିଣିବା ପାଇଁ ଲୋକମାନେ ଆଗ୍ରହ ପ୍ରକାଶ କରୁଛନ୍ତି।



ଖଣ୍ଡଗିରିରେ ରହିଥିବା ଗ୍ରୀନ୍ ଆର୍ଥ ନର୍ସରୀର ମାଲିକ ସୁଶାନ୍ତ କୁମାର ଜେନା କୁହନ୍ତି, ଗୋଟିଏ ଦିନରେ ପାଞ୍ଚଶହରୁ ଏକ ହଜାର ଲୋକ ଆସୁଛନ୍ତି। ଏହି ଶୀତ ଋତୁରେ ଜିନିଆ, ଡାଲିଆ, ଜରବେରା ଓ ବିଭିନ୍ନ ପ୍ରକାରର ଗେଣ୍ଡୁ ଲୋକଙ୍କ ଡିମାଣ୍ଡରେ ରହିଛି। ନର୍ସରୀରେ ଏହି ଫୁଲକୁ ନେବା ପାଇଁ ସମ୍ଭାର ହୋଇଛି ଏବଂ ଏହି ଫୁଲକୁ କିଣିବା ପାଇଁ ଲୋକଙ୍କ ଭିତରେ ଭିଡ଼ ଜମୁଛି। କୁହୁଡ଼ି କାକରରେ ଆକର୍ଷିତ କରୁଛି ଫୁଲର ବାସ୍ନା। ରାଜଧାନୀର ଖଣ୍ଡଗିରି, ପାତ୍ରପଡା ଓ ୧ ନମ୍ବର ମାର୍କେଟରେ ଭଳିକି ଭଳି ଫୁଲ କିଣିବା ପାଇଁ ବେଶ ଭିଡ଼ ଦେଖିବାକୁ ମିଳୁଛି। ଘରେ ଫୁଲ ଗଛଟିଏ ଲଗେଇବାକୁ ନର୍ସରୀରେ ସକାଳୁ ସକାଳୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। କମ୍ ପାଣିରେ ସୁନ୍ଦର ଫୁଲ ଫୁଟୁଥିବାରୁ ଏହାକୁ କିଣିବାକୁ ଲୋକେ ଆଗ୍ରହ ପ୍ରକାଶ କରୁଛନ୍ତି। ଯଦି ଫୁଲ ଚାରାର ଦର ଦେଖିବା, ତେବେ ସର୍ବନିମ୍ନ ୧୫ ଟଙ୍କାରୁ ଆରମ୍ଭ ହୋଇ ୫୦୦ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି ବୋଲି କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି କମ୍ ମୂଲ୍ୟରେ ଗୋଟିଏ ଫୁଲଗଛ ଲଗେଇବା ଦ୍ୱାରା ଏହା ବହୁତ ଦିନ ପର୍ଯ୍ୟନ୍ତ ରହିଥାଏ ବୋଲି କହିଛନ୍ତି। ଅନ୍ୟଜଣେ ଗ୍ରାହକ ବିଷ୍ଣୁପ୍ରିୟା ମିଶ୍ର କୁହନ୍ତି ଏବେ ଏହି ସିଜିନ୍‌କାଳ ଫୁଲ ବହୁତ ଭଲ ଲାଗେ। ବିଶେଷ କରି ବିଭିନ୍ନ ପ୍ରକାରର ଗୋଲାପ ଫୁଲ ଅଧିକ ପସନ୍ଦ ରହିଛି। ଫୁଲ ଗଛ ନେବାଠାରୁ ଏଠାରେ ଆସି ଫୁଲକୁ ଏକା ସାଙ୍ଗରେ ଦେଖିବାକୁ ବହୁତ ଭଲ ଲାଗିଥାଏ ବୋଲି ସେ କହିଛନ୍ତି।

# ୨୨ରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଜାତୀୟ ଗଣିତ ଦିବସ

ଭୁବନେଶ୍ୱର,୧୮।୧୨(ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଆସନ୍ତା ୨୨ ତାରିଖରେ ଜାତୀୟ ଗଣିତ ଦିବସ ଅନୁଷ୍ଠିତ ହେବ। ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମବାର୍ଷିକୀ ଅବସରରେ ଏକ ପ୍ରଦର୍ଶନୀର ଆୟୋଜନ କରାଯିବ। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସ୍ମାର୍ଟ ଭିଜନ୍ ଲର୍ଣ୍ଣିଙ୍ଗ୍ ସିଷ୍ଟମ୍ ସହଯୋଗରେ ଏକ ନିଆରା ପ୍ରତିଯୋଗିତା ମ୍ୟାଥ୍‌ମାଟିକ୍ସ ଫେଷ୍ଟ -୨୦୨୪ ଆୟୋଜନ କରିବ। ଯେଉଁଥିରେ ପ୍ରାୟ ୧୦୦ ବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କ ସୃଜନଶୀଳ ଚିନ୍ତାଧାରାକୁ ଗାଣିତ୍ୟିକ ମଡେଲରେ ଉପସ୍ଥାପନ କରିବେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମଟି ଛାତ୍ରମାନଙ୍କୁ ଉତ୍ସାହିତ କରିବା ଏବଂ ବିଭିନ୍ନ ଗାଣିତ୍ୟିକ ଶିକ୍ଷଣ ଉପକରଣ ସହିତ ସେମାନଙ୍କୁ ଉତ୍ସାହିତ କରିବ ବୋଲି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କର୍ମଶାଳା, କାହାଣୀ, ଇଣ୍ଟରାକ୍ଟିଭ୍ କିଟ୍ ପ୍ରଦର୍ଶନ ଏବଂ ଶ୍ରୀନିବାସ ରାମାନୁଜନଙ୍କ ଜୀବନ ଏବଂ କାର୍ଯ୍ୟ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହେବାର ଯୋଜନା ରହିଛି।

# ୨୫ରେ ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା

ଭୁବନେଶ୍ୱର,୧୮।୧୨(ସମିସ): ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ନିମନ୍ତେ ଶ୍ରୀ ଶିରିଡ଼ି ସାଇ ଚାରିଟେବଲ୍ ଟ୍ରଷ୍ଟ ବସନ୍ତପୁର ପକ୍ଷରୁ ଆସନ୍ତା ବୁଧବାର ଦିନ କସ୍ତୁରବା ନାରୀ ମହଲ, ୟୁନିଟ୍-୧ ମାର୍କେଟଠାରେ ଶିରିଡ଼ି ସାଇବାବା ଓ ଶ୍ରୀଜଗନ୍ନାଥଙ୍କ ଉପରେ ଏକ ନିଃଶୁଳ୍କ ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଏଲ୍‌କେଜିରୁ ଏକାଦଶ ପର୍ଯ୍ୟନ୍ତ ଇଚ୍ଛୁକ ଛାତ୍ରଛାତ୍ରୀ ୯୮୬୧୭୨୬୫୧୯ ନମ୍ବରରେ ହ୍ୱାଟ୍ସଆପ୍ କରି ନିଜ ନାମ ପଞ୍ଜୀକରଣ କରି ପାରିବେ।

# 'ରମାଦେବୀ'ରେ ୧୦୮ ଫୁଟ୍ ଉଚ୍ଚରେ ଉଡ଼ିଲା ଜାତୀୟ ପତାକା

ଭୁବନେଶ୍ୱର,୧୮।୧୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୧୦୮ ଫୁଟ୍ ଉଚ୍ଚ ସ୍ତମ୍ଭରେ ଉଡ଼ିଛି ଜାତୀୟ ପତାକା। ଫ୍ଲାଗ୍ ଇଣ୍ଡିଆ ଫାଉଣ୍ଡେସନ୍ ସହଯୋଗରେ ୨୭ ଫୁଟ୍ ଲମ୍ବ ଓ ୨୪ ଫୁଟ୍ ଉଚ୍ଚତା ବିଶିଷ୍ଟ ଜାତୀୟ ପତାକାକୁ ବୁଧବାର ଉଦ୍‌ଘାଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ସମ୍ମାନିତ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାପରେ ପ୍ରେକ୍ଷାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମା' ରମାଦେବୀଙ୍କ ଜୀବନକୁ ଉଲ୍ଲେଖ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଛନ୍ତି। ବାଚସ୍ପତି ଶ୍ରୀମତୀ ପାଢ଼ୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ଭାବେ ଗର୍ବ ଅନୁଭବ କରୁଥିବା କହିବା ସହ ମା' ରମାଦେବୀଙ୍କ ୧୨୫ତମ ଜନ୍ମ ବାର୍ଷିକୀରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରଶଂସା କରିଛନ୍ତି। ସାଂସଦ ତଥା ଫ୍ଲାଗ୍ ଇଣ୍ଡିଆ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଭିଡିଓ ବାର୍ତ୍ତା ଦେଇ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଦେବା ସହ ମା' ରମାଦେବୀଙ୍କ ତ୍ୟାଗ ଓ ଆଦର୍ଶକୁ ସ୍ମରଣ କରିଛନ୍ତି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ମେଜର ଅସୀମ କୋହଲି ଜାତୀୟତା ଭାବନା ଉଦ୍ରେକ କରିବାରେ ଜାତୀୟ ପତାକାର ଅବଦାନ ସର୍ବାଗ୍ରେ ବୋଲି କହିଛନ୍ତି। ଜିନ୍ଦଲ ଇସ୍ପାତର କର୍ପୋରେଟ୍ ସାମାଜିକ ଦାୟିତ୍ୱ ମୁଖ୍ୟ ଡ. ପ୍ରଶାନ୍ତ କୁମାର ହୋତା ଜାତୀୟ ପତାକା ସମ୍ପର୍କରେ ବର୍ଣ୍ଣନା କରିଥିବାବେଳେ କୁଳସଚିବ ଶ୍ୟାମଳୀ ମହାପାତ୍ର, ପ୍ରଫେସର ଚଣ୍ଡୀ ଚରଣ ରଥ, ସିଣ୍ଡିକେଟ୍ ସଭ୍ୟ ମେଜର କଳ୍ପନା ଦାସ, ଡ. ମାନସ ବେହେରା, ଡ. ନବନୀତ କାଉର, ଡ. ଦିଲ୍ଲୀପ କୁମାର ବିଶି, ଡ. ସରିତା ମିଶ୍ର, ଡ. ସାୟନ୍ତିନି ବେହୁରା, ଡ. ମନୀଷା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଭାଗବତ ଟୁଙ୍ଗି ପୁନରୁଦ୍ଧାର ପାଇଁ ସହାୟତା

ବାଲିପାଟଣା,୧୮।୧୨(ସମିସ): ବିଭିନ୍ନ ଗ୍ରାମରେ ଥିବା ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ବୁଧବାର ବାଲିପାଟଣା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସରକାରଙ୍କ ତରଫରୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଉକ୍ତ ଅର୍ଥକୁ ସେମାନେ ଭାଗବତ ପାଠ ପାଇଁ ବିଭିନ୍ନ ସରଞ୍ଜାମ କ୍ରୟ କରିବେ ଏବଂ ପ୍ରତ୍ୟହ ଭୋଗ ପାଇଁ ୧୦ ହଜାର ଟଙ୍କା ସ୍ଥାୟୀ ଜମା ପାଣ୍ଠିରେ ସୁରକ୍ଷିତ ରଖିବେ। ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଅନ୍ୟାନ୍ୟ ଅତିଥି ଭାବରେ ବ୍ଲକ୍ ଚେୟାରମ୍ୟାନ୍ ହରପ୍ରିୟା ଦାସ, ତହସିଲ୍‌ଦାର କଳ୍ପନା ଦାସ, ବରିଷ୍ଠ ନେତା କିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ୪୮ଟି ଗ୍ରାମର ଭାଗବତ ଟୁଙ୍ଗି ପାଇଁ ଚେକ୍ ବଣ୍ଟନ କରିଥିଲେ। ଅତିଥିମାନେ ଈଶ୍ୱରଙ୍କ ପୂଜନ ପାଇଁ ପ୍ରଦାନ କରାଯାଉଥିବା ଏହି ଅର୍ଥରାଶିର ସଦୁପଯୋଗ କରି ଆମର ଉଜ୍ୱଳ ପରମ୍ପରାକୁ ପୁନଃଉଜ୍ଜୀବିତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୂତିଆ ପରିଚାଳନା କରିଥିଲେ। ସଂଗ୍ରାମ କେଶରୀ ଦାସ ସହଯୋଗ କରିଥିଲେ।




# ବଡ଼ଦିନ ପାଇଁ ସଜେଇହେଲାଣି ଚର୍ଚ୍ଚ



ଭୁବନେଶ୍ୱର,୧୮।୧୨(ସମିସ): ଆଉ କେଇଟା ଦିନପରେ ଖ୍ରୀଷ୍ଟମାସ। ପ୍ରଭୁ ଯୀଶୁଙ୍କ ଧରାବତରଣ ପାଇଁ ଚଳଚଞ୍ଚଳ ହେଲାଣି ଚର୍ଚ୍ଚ ପରିସର। ସେଥିପାଇଁ ସବୁଠି ପ୍ରସ୍ତୁତି ଆରମ୍ଭ ହେଲାଣି। ଗତ ଶୁକ୍ରବାରଠୁ ଭୁବନେଶ୍ୱରର ଖ୍ରୀଷ୍ଟିଆନ କମିଟି ପକ୍ଷରୁ ଯୀଶୁଙ୍କ ସ୍ୱାଗତ ପାଇଁ ସେଣ୍ଟ ଯୋଶେଫ ସ୍କୁଲ୍‌ରେ ପ୍ରଭୁଙ୍କ ଆଗମନ ଉତ୍ସବ ପାଳନ କରାଯାଇଥିବା ବେଳେ ଏଥିରେ ରାଜଧାନୀର ସମସ୍ତ ଖ୍ରୀଷ୍ଟ ଧର୍ମାବଲମ୍ବୀ ଏକାଠି ହୋଇ ନୃତ୍ୟ, ସଙ୍ଗୀତ, ପ୍ରାର୍ଥନା କରି ଜନ୍ମଦିନ ପାଳନ ଆରମ୍ଭ କରିଥିଲେ। ସତ୍ୟନଗରରେ ଥିବା ସେଣ୍ଟ ଭିନ୍‌ସେଣ୍ଟ ପ୍ରୋ-କ୍ୟାଥେଡ୍ରାଲ ଚର୍ଚ୍ଚ ପରିସରକୁ ସୁନ୍ଦର ଆଲୋକମାଳାରେ ସଜାଯିବା ସହିତ ମେଣ୍ଢା ଓ ଗୋଶାଳା ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି। ଗତ କିଛିଦିନ ମଧ୍ୟରେ କାମ ଶେଷ ହେବ ବୋଲି କୁହାଯାଇଛି। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା କ୍ୟାରୋଲ୍ ନିୟମିତ ଭାବେ ୨୩ ତାରିଖ ଯାଏଁ ଗାନ କରାଯିବ। ଏହା ସହିତ ଭାଇଭଉଣୀମାନେ ନିଜ ଅଞ୍ଚଳ ବୁଲି ଯୀଶୁଙ୍କ ଜନ୍ମ ଦିନର ବାର୍ତ୍ତା ଘରେ ଘରେ ପହଞ୍ଚାଇବେ ବୋଲି ସତ୍ୟନଗରରେ ଥିବା ଚର୍ଚ୍ଚର ଫାଦର କହିଛନ୍ତି। ସେହିପରି ଆସନ୍ତା ୨୦ରେ ପାପ ସ୍ୱୀକାର ପ୍ରାର୍ଥନା ଆରମ୍ଭ ହେବ। ସକାଳେ ଓ ସନ୍ଧ୍ୟାରେ ଦୁଇ ଘଣ୍ଟା ପ୍ରାର୍ଥନା ହେବ। ୨୪ ତାରିଖ ରାତି ୧୧ଟାରୁ ବାଇବେଲ୍ ପାଠ କରାଯିବ। ୟୁନିଅନ ଚର୍ଚ୍ଚ ପକ୍ଷରୁ ଗତ ୮ ତାରିଖରୁ ସୁନ୍ଦରପଦା ଶାଖାରେ ଜନ୍ମ ଉତ୍ସବ ପାଳନ ହୋଇଛି। ପରେ କଳିଙ୍ଗ ବିହାର, ଚନ୍ଦ୍ରଶେଖରପୁର ଶାଖାରେ ଉତ୍ସବ ପାଳନ ହେବା ସହ ଚର୍ଚ୍ଚକୁ ସୁନ୍ଦର ଆଲୋକମାଳାରେ ସଜାଯିବ। ସେହିଭଳି ୨୧ ତାରିଖ ପାଖରୁ କାରୋଲ୍ ସଙ୍ଗୀତ, ପୂଜା ସହିତ ବହୁ ପ୍ରମୁଖ ବକ୍ତା ଆସି ପ୍ରଭୁ ଯୀଶୁଙ୍କ ବାର୍ତ୍ତା ପ୍ରଦାନ କରିବାର ସୂଚନା ରହିଛି। ୨୪ ତାରିଖ ରାତି ୧୧ଟାରୁ ୱାଚ୍ ନାଇଟ୍ ସର୍ଭିସ ପ୍ରୋଗ୍ରାମ ଆରମ୍ଭ ହେବ ଏବଂ ଏଥିରେ ଉପାସନା ସଂଗୀତ ଗାନ କରାଯିବ।



# 'ଦର୍ଶନ'ର ୨୨ତମ ସ୍ୱନକ୍ଷତ୍ର ଓ 'ଦର୍ଶନ ଟିଭି'ର ଲୋକାର୍ପଣ ଉତ୍ସବ

## ସାମ୍ବାଦିକ ସତ୍ୟ ମାର୍ଗକୁ ଅନୁସରଣ କରନ୍ତୁ: ସୁରେଶ

## ଶବ୍ଦ ବ୍ୟବହାରରେ ଯତ୍ନବାନ ହୁଅନ୍ତୁ ଗଣମାଧ୍ୟମ: ସୂର୍ଯ୍ୟବଂଶୀ

ଭୁବନେଶ୍ୱର,୧୮।୧୨(ସମିସ):

ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ଏବେ ଅବକ୍ଷୟମୁଖୀ। ତଥାପି ଗଣତନ୍ତ୍ର ବଞ୍ଚି ରହିଛି। ଏହାର କାରଣ ସତ୍ୟ, ନିଷ୍ଠା ଓ ନ୍ୟାୟକୁ କିଛି ବ୍ୟକ୍ତି ସୂଚାରୁ ରୂପେ ପାଳନ କରୁଛନ୍ତି। ଏଥିପାଇଁ ସେମାନଙ୍କୁ ବହୁ ମୂଲ୍ୟ ଦେବାକୁ ପଡୁଛି, ତଥାପି ସେମାନେ ହାର୍ ମାନିନାହାନ୍ତି। ସତ୍ୟପଥ କଣ୍ଟକିତ ଜାଣି ସୁଦ୍ଧା ସେମାନେ ସେହି ରାସ୍ତାକୁ ଆପଣାଇଛନ୍ତି। କେବଳ ବର୍ତ୍ତମାନ ସମୟ ନୁହେଁ; ସତ୍ୟ, ତ୍ରେତୟା, ଦ୍ୱାପର ଆଦି ପୁରାଣ ଯୁଗରେ ମଧ୍ୟ ସ୍ୱୟଂ ଭଗବାନ ସତ୍ୟ ସାଥିରେ ରହି ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଗଣମାଧ୍ୟମ ସଂସ୍ଥା ତଥା ସାମ୍ବାଦିକମାନେ ମଧ୍ୟ ଏହାକୁ ଅନୁସରଣ କରନ୍ତୁ। ତିନିଟି ସ୍ତମ୍ଭର ଅବକ୍ଷୟକୁ ରୋକିବାର ସାମର୍ଥ୍ୟ ଗଣମାଧ୍ୟମ ପାଖରେ ରହିଛି। ତେଣୁ ଏ ଦିଗରେ ସାମ୍ବାଦିକମାନେ କାର୍ଯ୍ୟ କରନ୍ତୁ। ଦୈନିକ ଖବରକାଗଜ 'ଦର୍ଶନ'ର ୨୨ତମ ସ୍ୱନକ୍ଷତ୍ର ଦିବସ ଓ 'ଦର୍ଶନ ଟିଭି'ର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସାମ୍ବାଦିକମାନଙ୍କ ଉଦ୍ଦେଶ୍ୟରେ ଏଭଳି ଆହ୍ୱାନ ଦେଇଛନ୍ତି। 'ଦର୍ଶନ'ର ସମ୍ପାଦକ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ୟୁନିଟ୍-୧ସ୍ଥିତ କସ୍ତୁରବା ନାରୀ ମହଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ଖବରକାଗଜର ବିଶ୍ୱସନୀୟତା ଅତୀତରେ ଥିଲା, ଏବେ ବି ରହିଛି ଓ ଭବିଷ୍ୟତରେ ମଧ୍ୟ ରହିବ। ହେଲେ ଗଣମାଧ୍ୟମରେ ବ୍ୟବହାର ହେଉଥିବା ଶବ୍ଦାବଳୀ ଆମ ସମୃଦ୍ଧ ଓଡ଼ିଆ ଭାଷାର ଗରିମାକୁ କ୍ଷୁଣ୍ଣ କରୁଛି। ଏହାର କାରଣ ହେଉଛନ୍ତି ଆମ ପାଠକ ଓ ଦର୍ଶକ। ଆମେ ସେଭଳି ରୁଚି ରଖୁଛେ ବୋଲି ସେମାନେ ସେମିତି ପରିବେଷଣ କରୁଛନ୍ତି। ତେଣୁ ଆମେ ଆମ ରୁଚିରେ ପରିବର୍ତ୍ତନ କଲେ ଗଣମାଧ୍ୟମ ସଂସ୍ଥାମାନେ ମଧ୍ୟ ଶବ୍ଦ ବ୍ୟବହାରରେ ଯତ୍ନବାନ ହେବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ 'ସକାଳ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସମରେନ୍ଦୁ ଦାସ କହିଲେ, ବର୍ତ୍ତମାନ ସମୟରେ ଗଣମାଧ୍ୟମ କହିଲେ ଡିଜିଟାଲ୍, ମୁଦ୍ରିତ ଓ ବୈଦ୍ୟୁତିକ ତିନିଟି ମାଧ୍ୟମକୁ ବୁଝାଉଛି। ଏହା ଭିତରୁ ଡିଜିଟାଲ ଗଣମାଧ୍ୟମରେ ଦ୍ରୁତ ବେଗରେ ଖବର ପ୍ରସାରଣ ହେଉଛି। ଏହାର ଚାହିଦା ମଧ୍ୟ ଆମ ରାଜ୍ୟ ସମେତ ଦେଶ ତଥା ସାରା ବିଶ୍ୱରେ ବୃଦ୍ଧି ପାଇଛି। ହେଲେ ତୁରନ୍ତ ଖବର ପହଞ୍ଚାଇବା ଲକ୍ଷ୍ୟରେ ଏହାର ସତ୍ୟତା ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଫଳସ୍ୱରୂପ ଲୋକଙ୍କ ପାଖରେ ଠିକ୍ ଖବର ପହଞ୍ଚିପାରୁନି। ଏସବୁ ଦୃଷ୍ଟିରୁ, ମୁଦ୍ରିତ ଗଣମାଧ୍ୟମ ଏବେ ବି ତା'ର ବିଶ୍ୱସନୀୟତା ବଜାୟ ରଖିଛି ଓ ଆଗକୁ ମଧ୍ୟ ଏହି ଧାରା ଅପରିବର୍ତ୍ତିତ ରହିବ ବୋଲି ଆଶା କରାଯାଉଛି। ଏଥିପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଯତ୍ନଶୀଳ ହେବା ଆବଶ୍ୟକ। ପ୍ରତିଦିନ ପ୍ରକାଶ ପାଉଥିବା ଖବରର ବିଷୟବସ୍ତୁ ବିଶ୍ଳେଷଣବେଳେ ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ। କାର୍ଯ୍ୟକ୍ରମର ବରେଣ୍ୟ ଅତିଥି ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଲେ, ସାମାଜିକ ଗଣମାଧ୍ୟମର ପ୍ରାବଲ୍ୟତା ପୂର୍ବାପେକ୍ଷା ବୃଦ୍ଧି ପାଇଛି। ହେଲେ ଏଥିରେ ଅତିରଞ୍ଜିତ ଖବର ପ୍ରସାରଣ ବଢ଼ିଛି। ଏହା ଉଭୟ ସମ୍ବାଦଦାତା ଓ ସାଧାରଣ ଲୋକଙ୍କ ପାଇଁ କ୍ଷତିକାରକ। ଏଥିରେ ପରିବର୍ତ୍ତନ ଆସିବା ଜରୁରୀ। ସମ୍ମାନିତ ଅତିଥି ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ କହିଲେ, 'ଦର୍ଶନ' ଦୀର୍ଘ ୨୨ ବର୍ଷ ଧରି ସଠିକ୍ ଖବର ପହଞ୍ଚାଇ ଆସୁଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଧ୍ୟାନ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଦାସଙ୍କୁ 'ସାମ୍ବାଦିକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିଭଳି ଡାକ୍ତର ଅକ୍ଷୟ ରାଉତଙ୍କୁ 'ଶ୍ରେଷ୍ଠ ଚିକିତ୍ସା ସେବା ସମ୍ମାନ', ସୁନୀଲ କୁମାର ବିଶୋୟୀଙ୍କୁ 'ଦର୍ଶନ ସମାଜସେବୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିଭଳି ୩୦ ଜିଲ୍ଲା ଓ ୩୧୪ ବ୍ଲକ୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସମ୍ପାଦିକା ପ୍ରଶମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

